ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.122 Bhubaneswar Saturday June 25 2022 | ୨୫ତମ ବର୍ଷ ସଂଖ୍ୟା-୧୨୨ ଭୁବନେଶ୍ୱର, ଶନିବାର, ଜୁନ ୨୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

# ପଞ୍ଚଭୂତରେ ବିଲୀନ ହେଲେ ରାଇମୋହନ



ଭୁବନେଶ୍ୱର, ୨୪।୬(ପି.ଏନ): ଅକାଳରେ ଚାଲିଗଲେ ଓଲିଉଡର ବରିଷ୍ଠ ଅଭିନେତା ରାଇମୋହନ ପରିଡ଼ା।ସେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।ଭୁବନେଶ୍ୱରର ମଂଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀ ବିହାରସ୍ଥିତ ଘରୁ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ପଠାଇଛି। ରାଇମୋହନଙ୍କ ମୃତ୍ୟୁରେ ଓଲିଉଡ୍ ଓ ଯାତ୍ରା ଜଗତରେ ଶୋକର ଛାୟା ଖେଳିଯାଇଛି। ଶହ ଶହ ସଂଖ୍ୟାରେ ସିନେ ଓ ଯାତ୍ରା କଳାକାରଙ୍କ ସମେତ ସାଧାରଣ ଲୋକେ ତାଙ୍କ ଶେଷ ଦର୍ଶନ ପାଇଁ ପ୍ରାଚୀ ବିହାର ସ୍ଥିତ ଘରେ ଭିଡ ଜମାଇଥିଲେ । କ୍ୟାପିଟାଲ ହସ୍ପିଟାଲକୁ ତାଙ୍କ ମୃତଦେହ ନିଆଯାଇଥିବା ବେଳେ ହସ୍ପିଟାଲ ପରିସର ମଧ୍ୟ ଲୋକାରଣ୍ୟ ହୋଇଯାଇଥିଲା। ସେଠାରୁ ତାଙ୍କ ମରଶରୀରକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନିଆଯାଇଥିଲା। ସେଠାରେ ବହୁ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ। ପରେ ରାଇମୋହନଙ୍କ ପାର୍ଥିବ ଶରୀରକୁ ଶେଷଦର୍ଶନ ପାଇଁ ତାଙ୍କ ଘରକୁ ନିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଇମୋହନଙ୍କର ପତ୍ନୀ ଓ ୨ ଝିଅ ଅଛନ୍ତି। ଜଣେ ଝିଅ ବିବାହ କରିଥିବା ବେଳେ ରାଇମୋହନ ପ୍ରାଚୀ ବିହାର ଘରେ ପତ୍ନୀ ଓ ସାନ ଝିଅ ସହିତ ରହୁଥିଲେ। ରାଇମୋହନ ପରିଡ଼ାଙ୍କ ମୃତଦେହ ପୁଲିସ ଉଦ୍ଧାର କରିବା ପୂର୍ବରୁ ତାଙ୍କ ଝିଅଙ୍କ ମୋବାଇଲ୍ ଫୋନ୍‌କୁ ମେସେଜ ଆସିଥିଲା ବୋଲି ମଂଚେଶ୍ୱର ପୁଲିସ କହିଛି। ରାଇମୋହନଙ୍କ ମୋବାଇଲ ନମ୍ବରରୁ ପତ୍ନୀ ଓ ୨ ଝିଅଙ୍କ ପାଖକୁ ଆସିଥିବା ମେସେଜରେ 'ବାଏ' ଉଲ୍ଲେଖ ରହିଛି। ତେବେ ମେସେଜରେ ସେ କାହିଁକି ଏମିତି ଲେଖିଥିଲେ ତାହା ସ୍ପଷ୍ଟ ହୋଇନାହିଁ । ମୃତ୍ୟୁ ଘଟଣାର ତଦନ୍ତ ସରିଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଆଶା କରାଯାଉଛି।୧୯୬୩ ମସିହାରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଉଦୟପୁର ଗାଁରେ ରାଇମୋହନ ପରିଡ଼ା ଜନ୍ମଗ୍ରହଣ କରିଥିଲେ। କରଞ୍ଜିଆ କଲେଜରେ ପାଠପଢ଼ା ଶେଷ କରିବା ପରେ ସେ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ସେ ଏଠାରେ ନାଟକ ବିଭାଗର ଛାତ୍ର ଥିଲେ। ୧୯୮୫ରେ ରାଇମୋହନ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୭ରେ ସେ 'ସାଗର' ଫିଲ୍ମରେ ପ୍ରଥମେ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ରାଇମୋହନ ପରିଡ଼ା ୯୦ଟି ଓଡ଼ିଆ ଚଳଚ୍ଚିତ୍ରରେ କାମ କରିବା ସହିତ ୧୫ଟି ବଙ୍ଗଳା ଫିଲ୍ମରେ କାମ କରିଛନ୍ତି। ସେ ୪୦ରୁ ଅଧିକ ନାଟକରେ ଅଭିନୟ କରିଥିବା ବେଳେ ଯାତ୍ରାରେ ମଧ କାମ କରିଛନ୍ତି। 'ସତମିଛ', 'ରାମଲକ୍ଷ୍ମଣ', 'ଆସିବୁ କେବେ ସାଜି ମୋ ରାଣୀ', 'ନାଗପଂଚମୀ', 'ଉଦଣ୍ଡୀସୀତା', 'ଦେ ମା' ଶକ୍ତି ଦେ', 'ଜୟ ଶ୍ରୀରାମ', 'ତୁ ଥିଲେ ମୋ ଡର କାହାକୁ', 'ରଣଭୂମି', 'ମେଂଟାଲ ଟୋକା', 'ସିଂହବାହିନୀ', 'କୁଳନନ୍ଦନ', 'କଣ୍ଢେଇ ଆଖିରେ ଲୁହ', 'ତୁ ଥିଲେ ମୋ ଡର କାହାକୁ', 'କୋଟିଏ ମଣିଷ ଗୋଟିଏ ଜଗା' ଓ 'ମିଷ୍ଟର ମଜ୍‌ନୁ' ଭଳି ଅନେକ ଫିଲ୍ମରେ ସେ ଅଭିନୟ କରିଛନ୍ତି। ଅଭିନୟ ପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।ରାଇମୋହନଙ୍କ କେତେକ ସିନେମାର ସଂଳାପ ଆଜି ବି ବେଶ ଲୋକପ୍ରିୟ। ସେଥିମଧ୍ୟରୁ ପ୍ରଣବ ଦାସଙ୍କ ନିର୍ଦ୍ଦେଶିତ ରଣଭୂମି ଫିଲ୍ମର 'ହେଇ ଅନାନି... 'ସର୍ବାଧିକ ଚର୍ଚ୍ଚିତ। ଏବେ ବି ରାଇମୋହନଙ୍କ ଅଭିନୀତ କେତୋଟି ଓଡ଼ିଆ ଛବି ମୁକ୍ତି ପ୍ରତୀକ୍ଷାରେ ରହିଛି। କେବଳ ଓଡ଼ିଆ ସିନେମାରେ ନୁହେଁ, ସେ କେତୋଟି ଓଡ଼ିଆ ମେଗା ଧାରାବାହିକରେ ବି ଅଭିନୟ କରିଥିଲେ। ଏହାବ୍ୟତୀତ ଯାତ୍ରା ଜଗତରେ ମଧ୍ୟ ନିଜର ନିଖୁଣ ଅଭିନୟର ଛାପ ଛାଡି ଯାଇଛନ୍ତି। ବିଶିଷ୍ଟ ଅଭିନେତା ରାଇମୋହନ ପରିଡ଼ାଙ୍କ ଅକାଳ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟ୍ୱିଟ କରି ଲେଖିଛନ୍ତି, ନାଟକ, ଯାତ୍ରା ଓ ଚଳଚ୍ଚିତ୍ରରେ ତାଙ୍କର ଅନୁପସ୍ଥିତି ସର୍ବଦା ଅନୁଭବ ହେବ। ତାଙ୍କ ନିଖୁଣ ଅଭିନୟ ପାଇଁ ସେ ସ୍ମରଣୀୟ ରହିବେ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାର ଲୋକପ୍ରିୟ କଳାକାର ତଥା ବରିଷ୍ଠ ସିନେ ଅଭିନେତା ରାଇମୋହନ ପରିଡ଼ାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଲମ୍ବା ସମୟ ଧରି ଓଡ଼ିଆ ଚଳଚ୍ଚିତ୍ର ଓ ଯାତ୍ରା ଜଗତରେ ତାଙ୍କର ଜୀବନ୍ତ ଓ ବିରଳ ଅଭିନୟ ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା । ଓଡ଼ିଶା ସିନେ ଓ ଯାତ୍ରା ଜଗତରେ ତାଙ୍କ ଭଳି ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କ ମୃତ୍ୟୁକୁ ବିଶ୍ୱାସ କରି ହେଉନାହିଁ ।

## ଡବ୍ଲୁଏଚପି ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୬(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋମରେ ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଚପି) ମୁଖ୍ୟାଳୟରେ ଜୀବିକା ତଥା ଖାଦ୍ୟ ନିରାପତାକୁ ସୁଦୃଢ଼ କରିବା ଦିଗରେ ରାଜ୍ୟର ପରିବର୍ତ୍ତନଶୀଳ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ କ୍ଷୁଧାମୁକ୍ତ ବିଶ୍ୱ ପରି ଏକ ସାଧାରଣ ଲକ୍ଷ୍ୟ ହାସଲ ଲାଗି ଡବ୍ଲୁଏଫପି ଓ ଓଡ଼ିଶା ସରକାର ମିଳିତ ଭାବରେ କାର୍ଯ୍ୟକରିବାକୁ ସହମତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ରୋମସ୍ଥିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମୁଖ୍ୟାଳୟ ପରିଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଓଡ଼ିଶା ଦୁଇ ଦଶନ୍ଧି ମଧରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରି ଏବଂ ଜଳବାୟୁ ଅନୁକୂଳ ଜୀବିକା ସୃଷ୍ଟି ନିମନ୍ତେ ବିକାଶମୂଳକ କାର୍ଯ୍ୟ କରି ଓଡ଼ିଶା ଧୀରେ ଧୀରେ ନିରନ୍ତର ଓ ସମନ୍ୱିତ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି ।

# ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବାକୁ କଂଗ୍ରେସ ସହ୍ୟ କରିପାରୁନି: ବିଜେପି



ଭୁବନେଶ୍ୱର, ୨୪।୬(ପି.ଏନ): ଓଡିଶାର ସ୍ୱାର୍ଥ ଓ ଅସ୍ମିତା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ କଂଗ୍ରେସକୁ ରାଜ୍ୟ ବିଜେପି ପରାମର୍ଶ ଦେଇଛି । ଏହାସହିତ ଓଡିଆ ଝିଅ ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପ୍ରସଙ୍ଗକୁ କଂଗ୍ରେସ ସହ୍ୟ କରୁନାହିଁ ବୋଲି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ନଦେବା ପାଇଁ ପ୍ରଦେଶ କଂଗ୍ରେସର ଘୋଷଣାକୁ କଡା ସମାଲୋଚନା କରି କହିଛନ୍ତି ଯେ, ଓଡିଶାର ଆଦିବାସୀ ଅଧ୍ୟୁଷିତ ଅଂଚଳବାସିନ୍ଦା ଦୀର୍ଘ ଦିନ ଧରି କଂଗ୍ରେସ ଦଳକୁ ଶାସନ କ୍ଷମତାରେ ବସାଇଥିଲେ । ଆଜି ଯେତେବେଳେ ଜଣେ ଓଡିଆ ଆଦିବାସୀ ଝିଅ ଦେଶ ସମ୍ବିଧାନର ସର୍ବ ?ାଚ୍ଚ ପଦବୀରେ ଅଳଙ୍କୃତ ହୋଇ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି, ସେତେବେଳେ ସେହି ଓଡିଶା କଂଗ୍ରେସ ଦଳ ତାଙ୍କୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।ବିଜେପି ଗତ ୧୯୯୭ ମସିହାରେ ରାଷ୍ଟ୍ରପତି ପଦ ପାଇଁ ଦଳିତ ବର୍ଗର କେ.ଆର.ନାରାୟଣନଙ୍କୁ ଖୋଲାଖୋଲି ସମର୍ଥନ କରିଥିଲା । ସେହିପରି ଭିଭି ଗିରି ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ, ନିଜ ବିବେକ ଅନୁସାରେ ଭୋଟ ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଇନ୍ଦିରା ଗାନ୍ଧୀ ଆହ୍ୱାନ କରିଥିଲେ। ଓଡିଶାର କଂଗ୍ରେସ ବନ୍ଧୁମାନେ ଓଡିଶାର ଗର୍ବ, ଗୌରବ ଏବଂ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ କରିଥିଲେ କ'ଣ କ୍ଷତି ହୋଇଥା'ନ୍ତା ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କଂଗ୍ରେସକୁ ପ୍ରଶ୍ନ ମଧ କରିଛନ୍ତି ।କଂଗ୍ରେସ ସା ? ? ୪କୋଟି ଓଡିଆଙ୍କୁ ସବୁବେଳେ ଅଣଦେଖା, ଅବହେଳା ଓ ଉପେକ୍ଷିତ କରିଛି । ଯଦି କଂଗ୍ରେସର ଓଡିଶାଙ୍କ ଜନସାଧାରଣ ପ୍ରତି ଭଲପାଇବା ଅଛି ତାହାଲେ ତାଙ୍କ ନେତୃବୃନ୍ଦ ବିଚ଼ାରଧାରର ଊର୍ଦ୍ଧ୍ୱକୁ ଯାଇ ଏବଂ ଓଡିଶାର ସ୍ୱାର୍ଥ ଓ ଅସ୍ମିତାକୁ ଆଖିଆଗରେ ରଖି ନିଜର ନେତୃବୃନ୍ଦଙ୍କୁ ପ୍ରଭାବିତ କରି ଓଡିଶାର ଗୌରବ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରନ୍ତୁ ବୋଲି ଶ୍ରୀ ମହାନ୍ତି ଆହ୍ୱାନ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ଗୋଲକ ମହାପାତ୍ର, ବିରଂଚି ନାରାୟଣ ତ୍ରିପାଠୀ ଏବଂ ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ କଳମପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ମୁଖ୍ୟ କିରାଣୀ

### ୧୩ ହଜାର ଲାଂଚ ନେବାବେଳେ ଧରାପଡିଲେ

ଭବାନୀପାଟଣା, ୨୪।୬(ପି.ଏନ): ଆଜି ଦିନ ପ୍ରାୟ ୧୧ଟା ୩୦ ମିନିଟ ସମୟରେ କଳମପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଳୟର ମୁଖ୍ୟ କିରାଣୀ ଯୁଧିଷ୍ଠିର ହରିଜନ ୧୩ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ପି ଏସ କେସ ନମ୍ବର ୧୮/୨୦୨୨.ୟୁ/ଏସ ୭ ପି ସି ଆମେଣ୍ଡମେଂଟ ଆକ୍ଟ.୨୦୧୮ ଅନୁସାରେ କେସ ରୁଜୁ କରିଛି ।ଘଟଣାରୁ ଜଣାଯାଏ ଯେ, ବରିଷ୍ଠ କିରାଣୀ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଅବସର ପରେ ଯେଉଁ ସରକାରୀ ସୁବିଧା ସୁଯୋଗ, ଇତ୍ୟାଦି ପେନସନ କରାଇ ଦେବାକୁ ଟଙ୍କା ଦାବି କରିଥିଲେ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ୧୩ ହଜାର ଟଙ୍କା ଦେଇଥିଲେ। ସେତିକି ବେଳେ ଭିଜିଲାନ୍ସ ଟିମ ତାଙ୍କୁ କାବୁ କରିଥିଲେ। କିରାଣୀଙ୍କ ଠାରୁ ଏହି ଟଙ୍କା ଜବତ କରିବା ସହ ଅଫିସ ଏବଂ କିରାଣୀଙ୍କ ଘର ମଥୁରା, ଜୁନାଗଡ଼ ସ୍ଥିତ ସମସ୍ତ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢଉ ଚାଲିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ୧୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪।୬(ପି.ଏନ): ସାରା ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଦେବଗଡ, ସମ୍ବଲପୁର, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଖୋର୍ଦ୍ଧା ପ୍ରଭୃତି ୧୪ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଓଡିଶାର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୫ ରୁ ୨୬ ତାରିଖ ମଧ୍ୟରେ ବରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନବରଙ୍ଗପୁର,ନୂଆପଡା, କେନ୍ଦୁଝର, ମୟୁରଭଂଜ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଓଡିଶାର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ।ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

### ହାଇକୋର୍ଟ ସ୍ଥାନାନ୍ତର ଦାବିରେ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ

ଭୁବନେଶ୍ୱର, ୨୪।୬(ପି.ଏନ): ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ଦାବି ନେଇ ଆଜି ଓକିଲମାନେ ଆନ୍ଦୋଳନ କରିଛନ୍ତି। ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ କୋର୍ଟର ମୁଖ୍ୟ ଫାଟକ ନିକଟରେ ପ୍ରତିବାଦ କରି ଧାରଣା ଦେଇଥିଲେ। ୨୦୧୩ମସିହାରୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରତିମାସରେ ଏହି ଆନ୍ଦୋଳନ ହେଉଥିବା ବେଳେ କରୋନା ଯୋଗୁଁ ୨ବର୍ଷ ହେଲା ବନ୍ଦ ପରେ ପୁଣି ଏହି ଆନ୍ଦୋଳନ ମୁଣ୍ଡ ଟେକିଛି। ସବୁ ରାଜ୍ୟର ରାଜଧାନୀରେ ହାଇକୋର୍ଟ ରହିଥିବା ବେଳେ ଭୁବନେଶ୍ୱରରେ ହାଇକୋର୍ଟ ସ୍ଥାପନ ହେଲେ ବହୁ ଆଇନଜୀବୀ ଓ ଜନସାଧାରଣ ଉପକୃତ ହେବେ। ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ବରିଷ୍ଠ ଆଇନଜୀବୀ ପ୍ରସନ୍ନ ପଟ୍ଟନାୟକ, ଶିବାନନ୍ଦ ରାୟ, ଅତ୍ମ ପ୍ରକାଶ ମହାନ୍ତି, ସରୋଜ ସାହୁ, ବିଷ୍ଣୁ ଷଡ଼ଙ୍ଗୀ, ମହେନ୍ଦ୍ର ସାହୁ, ସଂଘର ସଭାପତି ରବି ନାରାୟଣ ସାମନ୍ତରାୟ, ଉପସଭାପତି ଅଭିମନ୍ୟୁ ସ୍ୱାଇ, ସମ୍ପାଦକ ରାଜ୍ କିଶୋର ଦାସ, ସଂଗଠନ ସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧକ୍ଷ ଦିବାକର ମିଶ୍ର, ସହ ସମ୍ପାଦକ ରାଜେନ୍ଦ୍ର କୁମାର ଦାସ ସମେତ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ।

### ତୃତୀୟ ବର୍ଷର ରିପୋର୍ଟକାର୍ଡ ଦେବେ ଅପରାଜିତା

ଭୁବନେଶ୍ୱର, ୨୪।୬(ପି.ଏନ): ଆସନ୍ତାକାଲି ବାର୍ଷିକ ରିପୋର୍ଟକାର୍ଡ ଦେବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ସାଂସଦ ଭାବେ ୩ ବର୍ଷ ପୂରଣ କରିଥିବା ବେଳେ ଶନିବାର ପୂର୍ବାହ୍ଣ ୧୧ଟାରେ ଭୁବନେଶ୍ୱରବାସୀଙ୍କୁ ରିପୋର୍ଟ କାର୍ଡ ପ୍ରଦାନ କରିବେ ବୋଲି ଟୁଇଟ୍ କରି ସୂଚନା ଦେଇଛନ୍ତି ଅପରାଜିତା।

# ଏକନାଥ ସିନ୍ଦେ ହେବେ କି ମୁଖ୍ୟମନ୍ତ୍ରୀ ?



ମୁମ୍ବାଇ,୨୪।୬(ପି.ଏନ): ମହାରାଷ୍ଟ୍ର ରାଜନୀତିରେ ହଟଚ଼ମଟ ଜାରି । ଗୋଟିଏ ପଟେ ବଢୁଛି ବରିଷ୍ଠ ମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ବିଦ୍‌ରୋହୀ ଗୋଷ୍ଠୀଙ୍କ ବଳ ସିନ୍ଦେ କ୍ୟାମ୍ପରେ ସାମିଲ ହେଉଛନ୍ତି ଜଣଙ୍କ ପରେ ଜଣେ ବିଧାୟକ। ଏହାସତ୍ତ୍ୱେ ହାର ମାନିବେ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ। ବାଲ୍ ଠାକରେଙ୍କ ଶିବସେନା ଏବେବି ଜୀବିତ ଅଛି ଓ ସେ ଶେଷ ପର୍ଯ୍ୟନ୍ତ ଲଢିବେ ବୋଲି ଦୃଢୋକ୍ତି କରିଛନ୍ତି । ଅନ୍ୟପକ୍ଷରେ ଫ୍ଲୋର ଟେଷ୍ଟ ହେଲେ ସରକାର ନିଶ୍ଚିତ ବିଜୟୀ ହେବେ ବୋଲି କହିଛନ୍ତି ଦଳର ପ୍ରମୁଖ ନେତା ସଂଜୟ ରାଉତ ।ଉଦ୍ଧବ କହିଛନ୍ତି ଯେ, ଶେଷ ପର୍ଯ୍ୟନ୍ତ ଲଢିବି । ଶିବସେନାର ଅଧିକାଂଶ ବିଧାୟକ ବିଦ୍‌ରୋହ ଘୋଷଣା କରି ଆସାମରେ ଡେରା ପକାଇଥିବା ବେଳେ ଆଜି ଜିଲ୍ଲା ସଭାପତିମାନଙ୍କ ବୈଠକ ଅବସରରେ ଏହା କହିଥିଲେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ। ଏଥିସହିତ ତାଙ୍କ ଖରାପ ସ୍ୱାସ୍ଥ୍ୟ ବିଷୟରେ ବଖାଣି ବିଦ୍‌ରୋହୀଙ୍କୁ ଭାବପ୍ରବଣ ଅପିଲ୍ କରିଥିଲେ । ସର୍ଜିରୀ ଯୋଗୁ ତାଙ୍କ ହାତଗୋଡରେ ଜୀବନ ନଥିଲା ଭଳି ଲାଗୁଛି, ଏହାସତ୍ତ୍ୱେ ସେ ହାର ମାନିବେ ନାହିଁ ବୋଲି କହିଥିଲେ । ତେବେ ତାଙ୍କ ଦୃଢତା ଓ ଭାବପ୍ରବଣତା ମୁଖ୍ୟମନ୍ତ୍ରୀ ଗାଦି ଓ ଶିବସେନା ଉପରେ ନିୟନ୍ତ୍ରଣ, କୌଣସି ଗୋଟିଏ ବି ବଞ୍ଚାଇ ପାରିବା ଭଳି ଲାଗୁନି । କାରଣ ଦଳୀୟ ନେତୃତ୍ୱ ବିରୁଦ୍ଧରେ ବିଦ୍‌ରୋହ ଘୋଷଣା କରିଥିବା ଏକନାଥ ସିନ୍ଦେଙ୍କର ବଢିବାରେ ଲାଗିଛି ବଳ । ଜଣଙ୍କ ପରେ ଜଣେ ବିଧାୟକ ସିନ୍ଦେ କ୍ୟାମ୍ପରେ ସାମିଲ ହେଉଛନ୍ତି । ଏହାର ପ୍ରମାଣ ଦେବାକୁ ଯାଇ ତାଙ୍କୁ ସମର୍ଥନ କରୁଥିବା ବିଧାୟକମାନଙ୍କୁ ଗୌହାଟି ହୋଟେଲରେ ପରେଡ୍ କରାଇଛନ୍ତି ସିନ୍ଦେ । ଏଥିସହିତ ସିନ୍ଦେଙ୍କୁ ଶିବସେନା ନେତା ଭାବେ ଗୃହରେ ମାନ୍ୟତା ଦେବା ଲାଗି ୩୭ ବିଧାୟକଙ୍କ ହସ୍ତାକ୍ଷର ସମ୍ବଳିତ ଚ଼ିଠି ଉପବାଚ଼ସ୍ପତି ନରହରି ଜିରୱାଲଙ୍କୁ ଦିଆଯାଇଛି । ଉପବାଚ଼ସ୍ପତି, ଅଜୟ ଚୌଧୁରୀଙ୍କୁ ବିଧାନସଭାରେ ଶିବସେନା ବିଧାୟକ ଦଳର ନେତା ମାନ୍ୟତା ଦେବା ପରେ ବିଦ୍‌ରୋହୀ ଗୋଷ୍ଠୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।ସେପଟେ ଉଦ୍ଧବ ସରକାରର ପତନ ଅବସମ୍ଭାବୀ ଜାଣି ବିଚ଼ଳିତ ହୋଇପଡିଛନ୍ତି ବରିଷ୍ଠ ନେତା ସଂଜୟ ରାଉତ୍ । ମୁମ୍ବାଇ ଫେରିଆସି ଉଦ୍ଧବଙ୍କ ସହ ସେମାନଙ୍କ ଆପତ୍ତି ଅଭିଯୋଗ ସଂପର୍କରେ ଆଲୋଚ଼ନା ପାଇଁ ପ୍ରଥମେ ବିଦ୍‌ରୋହୀଙ୍କୁ ଅନୁରୋଧ କରିଥିଲେ ସଂଜୟ । ତେବେ ବିଦ୍‌ରୋହୀ ଏଥିପ୍ରତି କର୍ଣ୍ଣପାତ କରିନଥିଲେ । ପରେ ଚ଼ାପ ପ୍ରୟୋଗ ଲାଗି ଦଳୀୟ ହୁଇପ୍ ଅମାନ୍ୟ କରିଥିବା ଦର୍ଶାଇ ସିନ୍ଦେଙ୍କ ସମେତ ୧୨ ବିଧାୟକଙ୍କୁ ସସ୍ପ ?ଣ୍ଡ ପାଇଁ ଶିବସେନା ପକ୍ଷରୁ ଉପବାଚ଼ସ୍ପତିଙ୍କୁ ଚ଼ିଠି ଲେଖାଯାଇଥିଲା। ଏହାର ବି କିଛି ପ୍ରଭାବ ନପଡିବା ପରେ, ବିଦ୍‌ରୋହୀଙ୍କୁ ଭୟ ଦେଖାଇବାକୁ ଉଦ୍ୟମ କରିଛନ୍ତି ସଂଜୟ । ଶିବସୈନିକ ରାସ୍ତାକୁ ଓହ୍ଲାଇଲେ ବିଦ୍‌ରୋହୀଙ୍କ ମହାରାଷ୍ଟ୍ର ଫେରିବା ରାସ୍ତା ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଫ୍ଲୋର ଟେଷ୍ଟ ହିଁ ଏକମାତ୍ର ବିକଳ୍ପ ଓ ଉଦ୍ଧବ ସରକାର ଏଥିରେ ନିଶ୍ଚୟ ବିଜୟୀ ହେବ ବୋଲି ଦୃଢତାର ସହ କହିଛନ୍ତି । ଏପଟେ ସରକାର ବ଼ଞ୍ଚାଇବା ଲାଗି ଶିବସେନା ଓ ସହଯୋଗୀ ଏନସିପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି।

## ଗୁଜରାଟ ଦଙ୍ଗା ମାମଲା: ମୋଦିଙ୍କୁ କ୍ଲିନଚ଼ିଟ୍ କାଏମ



ନୂଆଦିଲ୍ଲୀ,୨୪।୬(ପି.ଏନ): ୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା କ୍ଲିନଚ଼ିଟ୍ କାଏମ ରହିଛି । କ୍ଲିନଚ଼ିଟ୍ ବିରୋଧରେ ହୋଇଥିବା ଆବେଦନକୁ ଆଜି ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। ଦଙ୍ଗା ଘଟଣାର ତଦନ୍ତ କରୁଥିବା ଏସଆଇଟି ପ୍ରଥମେ ମୋଦିଙ୍କ ସମେତ ମୋଟ ୬୩ ଜଣଙ୍କୁ କ୍ଲିନଚ଼ିଟ୍ ଦେଇଥିଲା । ଏହାକୁ ତଳ କୋର୍ଟ ଓ ହାଇକୋର୍ଟ କାଏମ ରଖିଥିଲେ । ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଦଙ୍ଗାରେ ପ୍ରାଣ ହରାଇଥିବା କଂଗ୍ରେସ ସାଂସଦ ଏହସାନ ଜାଫ୍ରୀଙ୍କ ପତ୍ନୀ ଜାକିଆ ଜାଫ୍ରୀ । ତେବେ ସୁପ୍ରିମକୋର୍ଟ ଶୁଣାଣି ପାଇଁ ମାମଲା ଯୋଗ୍ୟ ନୁହେଁ ବୋଲି କହି ତାଙ୍କ ଆବେଦନକୁ ଖାରଜ କରିଛନ୍ତି। ୨୦୦୨ ମସିହା ଫେବୃଆରୀ ୨୮ରେ ଅହମ୍ମଦାବାଦର ଗୁଲବର୍ଗ ସୋସାଇଟିରେ ସୃଷ୍ଟି ହୋଇଥିବା ହିଂସାରେ ଏହସାନ ଜାଫ୍ରୀଙ୍କ ଜୀବନ ଯାଇଥିଲା। ସର୍ବୋଚ୍ଚ଼ କୋର୍ଟ ଏହା ମଧ କହିଛନ୍ତି ଯେ, ପ୍ରଶାସନର କୌଣସି ଅବହେଳା କିମ୍ବା ସମୟପୋଗୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ କୌଣସି ଷଡଯନ୍ତ୍ର ସହ ଯୋଡା ଯାଇ ପାରିବ ନାହିଁ ।ଜଷ୍ଟିସ ଏଏମ ଖାନବିଲକର, ଜଷ୍ଟିସ ଦିନେଶ ମାହେଶ୍ୱରୀ ଏବଂ ଜଷ୍ଟିସ ସିଟି ରବିକୁମାରଙ୍କ ତିନି ଜଣିଆ ଖଣ୍ଡପୀଠ ଆବେଦନକାରୀଙ୍କ ଆଡଭୋକେଟ କପିଲ ସିବଲଙ୍କ ଯୁକ୍ତିକୁ ଖଣ୍ଡନ କରିଥିଲେ । କୋର୍ଟ କହିଥିଲେ ରାଜ୍ୟ ପ୍ରଶାସନର ଅସଫଳତା କିମ୍ବା ନିଷ୍କ୍ରିୟତାକୁ ଷଡଯନ୍ତ୍ର ବୋଲି କୁହାଯାଇ ପାରିବ ନାହିଁ। କୋର୍ଟ କହିଥିଲେ, ରାଜ୍ୟ ପ୍ରଶାସନର କିଛି ଅଧିକାରୀଙ୍କ ଅସଫଳତା କିମ୍ବା ନିଷ୍କ୍ରିୟତା ଅପରାଧିକ ଷଡଯନ୍ତ୍ରର ଆଧାର ହୋଇପାରିବ ନାହିଁ। ସଂଖ୍ୟାଲଘୁଙ୍କ ବିରୋଧରେ ଏହା ରାଜ୍ୟ ପ୍ରାୟୋଜିତ ଅପରାଧ( ହିଂସା) ବୋଲି କୁହାଯାଇ ପାରିବ ନାହିଁ।ସୁପ୍ରିମକୋର୍ଟ କହିଛନ୍ତି ଯେ, ଜରୁରୀକାଳୀନ ସମୟରେ ରାଜ୍ୟ ପ୍ରଶାସନ ବିଫଳ ହେବା କୌଣସି ଆଶ୍ଚର୍ଯ୍ୟକର ଘଟଣା ନୁହେଁ। କୋର୍ଟ କରୋନା ମହାମାରୀର ଉଦାହରଣ ଦେଇ କହିଥିଲେ, ସବୁ ସୁବିଧାରେ ଥିବା ସରକାର ବି ବିଫଳ ହୋଇଥିବା ଦେଖିଛୁ । 'ଏହାକୁ କଣ ଅପରାଧୀକ ଷଡଯନ୍ତ୍ର କୁହାଯିବ କି ବୋଲି କୋର୍ଟ ପ୍ରଶ୍ନ କରିଥିଲେ।

# ଓଡ଼ିଶା ଉପକୂଳରୁ ଭିଏଲ-ଏସଆର ସାମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୨୪।୬(ପି.ଏନ): ଓଡ଼ିଶା ଉପକୂଳ ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟୀ (ଆଇଟିଆର) ଠାରେ ଭୂପୃଷ୍ଠରୁ ଆକାଶକୁ ମାଡ଼ କରାଯାଇପାରୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର (ଭିଏଲ-ଏସଆର ସାମ୍)ର ଭୂଲମ୍ବ ଉତକ୍ଷେପଣ କରାଯାଇଛି। ଶୁକ୍ରବାର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନାର ମିଳିତ ଉଦ୍ୟମରେ ଏହି କ୍ଷେପଣାସ୍ତ୍ରର ଫ୍ଲାଇଟ୍ ଟେଷ୍ଟ ବା ଆକାଶମାର୍ଗ ପରୀକ୍ଷଣ ସଫଳ ହୋଇଛି। ଭିଏଲ-ଏସଆର ସାମ୍ କ୍ଷେପଣାସ୍ତ୍ର ହେଉଛି ଯୁଦ୍ଧ ଜାହାଜରେ ଖଞ୍ଜା ହେଉଥିବା ଏକ ଅସ୍ତ୍ର ପ୍ରଣାଳୀ, ଯାହାକି ସମୁଦ୍ର ପତନ ଉପରେ କ୍ଷୀପ୍ର ବେଗରେ ଆସୁଥିବା ଲକ୍ଷ୍ୟ ବା ସି ସ୍କିମିଂ ଟାର୍ଗେଟ ସମେତ ଆକାଶମାର୍ଗରୁ ଆସୁଥିବା ବିଭିନ୍ନ ପ୍ରକାର ବିପଦ ଏବଂ ଯୁଦ୍ଧାସ୍ତ୍ରକୁ ନିଷ୍କ୍ରିୟ କରିବାକୁ ସକ୍ଷମ । ଆକାଶମାର୍ଗରେ ଏକ ନକଲି ବିମାନରୁ ଦ୍ରୁତ ଗତିରେ ଆସୁଥିବା ଲକ୍ଷ୍ୟ ବିରୋଧରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀକୁ ଉତକ୍ଷେପଣ କରାଯାଇଥିଲା ଏବଂ ଏହା ସଫଳତା ପୂର୍ବକ ନିର୍ଦ୍ଧାରିତ ଲକ୍ଷ୍ୟ ଭେଦ କରିବାରେ ସକ୍ଷମ ହୋଇଥିଲା। ଚାନ୍ଦୀପୁର ଆଇଟିଆର ପକ୍ଷରୁ ନିୟୋଜିତ ହୋଇଥିବା ଏକାଧିକ ଟ୍ରାକିଂ ଉପକରଣ ମାଧ୍ୟମରେ କ୍ଷେପଣାସ୍ତ୍ରର ଗତି ଓ ମାର୍ଗ ସମେତ ସମସ୍ତ କାର୍ଯ୍ୟକ୍ଷମତା ମାପଦଣ୍ଡ ନିରୀକ୍ଷଣ କରାଯାଇଥିଲା । ଡିଆରଡିଓ ଏବଂ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀମାନେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ନୌସେନା ଏବଂ ଉଦ୍ୟୋଗ ଜଗତକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ସାମିଲ ହେବା ଫଳରେ ଆକାଶମାର୍ଗରୁ ଆସୁଥିବା ବିପଦ ବିରୋଧରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଗୁଡ଼ିକର କ୍ଷମତା ଆହୁରି ବୃଦ୍ଧି ପାଇବ ।ନୌସେନା ମୁଖ୍ୟ ଆଡମିରାଲ ଆର. ହରି କୁମାର ଭିଏଲ-ଏସଆର ସାମ୍ ର ସଫଳ ଫ୍ଲାଇଟ୍ ଟେଷ୍ଟ ପାଇଁ ଭାରତୀୟ ନୌସେନା ଏବଂ ଡିଆରଡିଓ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଣାଳୀ ବିକଶିତ ହେବା ଦ୍ୱାରା ଭାରତୀୟ ନୌସେନାର ପ୍ରତିରକ୍ଷା ସାମର୍ଥ୍ୟ ଅଧିକ ସୁଦୃଢ଼ ହେବ ।ଏହି ସଫଳ ଫ୍ଲାଇଟ୍ ଟେଷ୍ଟରେ ସାମିଲ ଥିବା ଦଳକୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓ ଅଧକ୍ଷ ଡକ୍ଟର ଜି. ସତୀଶ ରେଡ୍ଡୀ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଭାରତୀୟ ନୌସେନାର ଯୁଦ୍ଧ ଜାହାଜରେ ସ୍ୱଦେଶୀ ଅସ୍ତ୍ର ପ୍ରଣାଳୀ ସାମିଲ ହେବା ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣରୁ ପ୍ରମାଣିତ ହୋଇଛି । ସେ ଆହୁରି କହିଛନ୍ତି ଯେ, ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ଭାରତୀୟ ନୌସେନାର ଶକ୍ତିକୁ ବହୁଗୁଣିତ କରିବ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ଦିଗରେ ଏକ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଚ୍ଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ସତ କହିବାକୁ କିଆଁ ଡରିବି...

••••••ସୁବାଷ କୁମାର ତାରଣିଆଁ••••••



ସ୍କୁଲରେ ପାଠ ପଢ଼ିବା ବେଳେ ରାମକୃଷ୍ଣ ନନ୍ଦଙ୍କ ଲିଖିତ 'ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି, ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନଜନ ଲୋଡ଼ା ନାହିଁ ହେ' ପ୍ରାର୍ଥନାଟିକୁ ଛାତ୍ରଛାତ୍ରୀମାନେ ବୋଲିସାରିବା ପରେ ପାଠପଢ଼ା ଆରମ୍ଭ ହୁଏ। ପ୍ରାର୍ଥନାଟିକୁ ବୋଲିବାର ଉଦ୍ଦେଶ୍ୟ, ଛାତ୍ରଛାତ୍ରୀମାନେ ଯେପରି ସତ୍‌ମାର୍ଗକୁ ଅନୁସରଣ କରି, ମିଥ୍ୟାକୁ ପରିତ୍ୟାଗ କରି ଲୋଭର ବଶବର୍ତ୍ତୀ ନହୋଇ ପାଠପଢ଼ା ପ୍ରତି ମନୋନିବେଶ କରି ଜଣେ ଜଣେ ମେଧାବୀ ଛାତ୍ରଛାତ୍ରୀଭାବେ ସ୍କୁଲ, ଶିକ୍ଷକ ତଥା ପିତାମାତାଙ୍କ ନାମର ଟେକ ରଖିବେ। ଅବଶ୍ୟ ଏବେ ଆଉ ସ୍କୁଲମାନଙ୍କରେ ସେ ପ୍ରାର୍ଥନା ବୋଲାଯାଉଛି କି ନାହିଁ ତାହା ତ' ଦୂରର କଥା ଏବେ ସତ ବଦଳରେ ମିଛ ଉପରେ ବେଶି ଗୁରୁତ୍ୱ ଦିଆଯାଉଛି। ଲୋକେ ସତ କହିବାକୁ ଯେତିକି ଘୃଣା କରନ୍ତି, ମିଛ କହି ସେତିକି ଆନନ୍ଦ ପାଆନ୍ତି। ହେଲେ ଏହି ମିଛ ପାଇଁ ଦିନେ ବେଳେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ।

ଜଣେ ଶିକ୍ଷକ ତାଙ୍କର ଅନ୍ୟତ୍ର ବଦଳିକୁ ବାତିଲ୍ କରିବା ପାଇଁ ସ୍ଥାନୀୟ ବିଧାୟକଙ୍କ ନିକଟକୁ ଏକ ଦରଖାସ୍ତ ଦେବା ପାଇଁ ମୋ' ପାଖକୁ ଟାଇପ୍ କରିବାକୁ ଆସିଥିଲେ। ସେ ତାଙ୍କ ଦରଖାସ୍ତରେ ଉଲ୍ଲେଖ କରିଥିଲେ ଯେ, ମୋର ଘରଠାରୁ ୫ କିଲୋମିଟର ଦୂର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଁ ଦୀର୍ଘଦିନ ଧରି ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲି। ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହିତ ବିଦ୍ୟାଳୟରେ କିପରି ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଇ ଏକ ଆଦର୍ଶ ସ୍କୁଲରେ ପରିଣତ ହେବ, ସେଥିପ୍ରତି ବିଶେଷ ଯତ୍ନବାନ ଥିଲି। ମାତ୍ର ହଠାତ କୌଣସି କାରଣ ନଥାଇ ମୋ' ସ୍ଥାନରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ମୋତେ ମୋ' ଘରଠାରୁ ୨୦ କିଲୋମିଟର ଦୂର ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରାଯାଇଅଛି ଯାହାକି ମୋର ନିଜସ୍ୱ ବ୍ଲକ ନୁହେଁ। ଘରଠାରୁ ବହୁ ଦୂରକୁ ବଦଳି ହୋଇଥିବାରୁ ମୁଁ ପ୍ରତିଦିନ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେବି। ଦ୍ୱିତୀୟତଃ ମୋର ପିତାମାତାଙ୍କୁ ୯୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ହୋଇଥିବାରୁ ସେମାନେ ବିଭିନ୍ନ ରୋଗରେ ପୀଡ଼ିତ ଅଛନ୍ତି। ମୋର ବାପାମାଆଙ୍କର ଏକମାତ୍ର ପୁତ୍ର ହୋଇଥିବାରୁ, ତାଙ୍କର ଦେଖାଶୁଣା କରିବାକୁ କେହି ନାହାନ୍ତି, ମୋର ବଦଳି ହେଲେ ବାପା ମାଆଙ୍କ ସେବା କରିବାରୁ ବଞ୍ଚିତ ହେବି। ତୃତୀୟତଃ ମୋର ଦୁଇଝିଅ ସ୍ଥାନୀୟ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଏଭଳି ମଧ୍ୟବର୍ତ୍ତୀକାଳୀନ ବଦଳି ସେମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିବ। ଚତୁର୍ଥରେ ମୁଁ ଜଣେ ଉଚ୍ଚ ରକ୍ତଚାପ, ମଧୁମେହ ଓ ଆଜ୍‌ମା ଭଳି ଦୁରାରୋଗ୍ୟରେ ପିଡ଼ିତ ଥିବାରୁ ପ୍ରତିମାସରେ ସ୍ଥାନୀୟ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇଥାଏ। ମୋର ସ୍ତ୍ରୀ ମଧ ମୋତେ ସେବା ଶୁଶ୍ରୁଷା ଯୋଗାଇ ଥାଆନ୍ତି। ଏଭଳି ସ୍ଥିତିରେ ଯଦି ଘରଠାରୁ ଏତେ ଦୂରକୁ ମୋତେ ବଦଳି କରାଯାଏ, ତେବେ ମୁଁ ବହୁ ଅସୁବିଧାର ସମ୍ମୁଖୀନ ହେବି। ନା ନିଜେ ଚିକିତ୍ସା ପାଇପାରିବି ନା ପିତାମାତାଙ୍କ ଯତ୍ନ ନେଇପାରିବି। ସର୍ବୋପରି ମୋର ପିଲାମାନେ ପାଠ ପଢିବାରେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ନିଜର ବଦଳିକୁ ବାତିଲ କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଶିକ୍ଷକ ଜଣକ ତାଙ୍କ ଦରଖାସ୍ତଟିରେ ବହୁ ମିଛ କଥା ଉଲ୍ଲେଖ କରିଥିବାର ମୋର ହୃଦ୍‌ବୋଧ ହେଲା। କାରଣ ସେହି ଶିକ୍ଷକଙ୍କୁ ମୁଁ ବହୁ ଆଗରୁ ଜାଣିଥିଲି। ସେ ଶିକ୍ଷକ ଜଣଙ୍କ ତାଙ୍କ ବାପାମାଆଙ୍କର ଏକମାତ୍ର ପୁତ୍ର ନଥିଲେ, ସେମାନେ ତିନିଭାଇ ଥିଲେ ଏବଂ ପିତାମାତାଙ୍କ ଭରଣପୋଷଣ ପାଇଁ ତିନିଭାଇଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ଯଦିଓ ଶିକ୍ଷକଙ୍କ ପିତାମାତା ବୃଦ୍ଧାବସ୍ଥାରେ ଉପନୀତ ହୋଇଥିଲେ, କିନ୍ତୁ ସେମାନଙ୍କୁ କୌଣସି ଗୁରୁତର ରୋଗ ହୋଇ ନ ଥିଲା କି ସେ ଶିକ୍ଷକଙ୍କୁ ମଧ କୌଣସି ରୋଗ ହୋଇ ନ ଥିଲା, ଯାହା ସେ ଦରଖାସ୍ତରେ ଭୁଲ୍ ତଥ୍ୟ ଦେଇଥିଲେ।

ସେହିପରି ଆଉ ଏକ ଘଟଣା ହେଲା, ଜାନୁୟାରୀ ମାସରେ ରାଜଧାନୀର ପ୍ରଦର୍ଶନୀ ପଡ଼ିଆରେ ଏକ ଉତ୍ସବ ଚାଲିଥିଲା। ରାହୁଲ ନାମକ ଜଣେ ଯୁବକ ସେହି ଉତ୍ସବକୁ ଯାଉଥିବା ବେଳେ ପ୍ରବଳ ଜନସମାଗମ ଯୋଗୁଁ ତାଙ୍କ ପର୍ସଟି ହଜିଯାଇଥିଲା ଏବଂ ତାଙ୍କ ପଛେ ପଛେ ପଡ଼ିଆ ଭିତରକୁ ଯାଉଥିବା ଜଣେ ସହୃଦୟ ବ୍ୟକ୍ତି ପର୍ସଟିକୁ ପାଇ ରାହୁଲଙ୍କୁ ଫେରାଇବା ପାଇଁ ପଛରୁ ଡ଼ାକୁଥିବା ବେଳେ, ଡାକବାଜି ଯନ୍ତ୍ର ବାଜୁଥିବାରୁ, ରାହୁଲ ତାଙ୍କ ଡାକ ଶୁଣି ନ ପାରି ପଡ଼ିଆ ଭିତରକୁ ଚାଲିଯାଇଥିଲେ। ଏହାପରେ ପର୍ସରେ ୬୦୦ ଟଙ୍କା ଥିବା ଦେଖି ପର୍ସଟିକୁ ରାହୁଲଙ୍କୁ ଫେରାଇବା ପାଇଁ ସେଠାରେ କିଛି ସମୟ ଅପେକ୍ଷା କରିଥିଲେ। ଏହାର କିଛି ସମୟ ପରେ ରାହୁଲ ନିଜର ପର୍ସ ହଜିଥିବା ଜାଣି ଚିନ୍ତିତ ହୋଇପଡ଼ିଥିଲେ ଏବଂ ୬୦୦ ଟଙ୍କା ବଦଳରେ ୧୩,୯୦୦ ଟଙ୍କା ପର୍ସରେ ଥିଲା ବୋଲି କହି ପଡ଼ିଆ ଭିତରେ ଲୋକଙ୍କୁ ପଚାରୁଥିବା ସମୟରେ ଉକ୍ତ ସହୃଦୟ ବ୍ୟକ୍ତିଙ୍କ ସହିତ ରାହୁଲଙ୍କର ଭେଟ ହୋଇଥିଲା, ହେଲେ ରାହୁଲ ଜାଣି ନ ଥିଲେ ଯେ ଉକ୍ତ ବ୍ୟକ୍ତି ତାଙ୍କ ପର୍ସ ପାଇଛନ୍ତି ବୋଲି। ଯେତେବେଳେ ରାହୁଲ ଉକ୍ତ ବ୍ୟକ୍ତିଙ୍କୁ ପର୍ସ ହଜିଥିବା ବିଷୟରେ ପଚାରିଥିଲେ ଏବଂ ପର୍ସରେ ୧୩,୯୦୦ ଟଙ୍କା ଥିଲା ବୋଲି କହିଥିଲେ, ଉକ୍ତ ବ୍ୟକ୍ତିଜଣଙ୍କ ପର୍ସଟି ପାଇଛନ୍ତି ବୋଲି ସ୍ୱୀକାର କରିଥିଲେ ଏବଂ ପର୍ସରେ ୬୦୦ ଟଙ୍କା ଥିବା ରାହୁଲଙ୍କୁ କହିଥିଲେ। ହେଲେ ରାହୁଲ ପୁନର୍ବାର କହିଥିଲେ ଯେ ତାଙ୍କ ପର୍ସରେ ୧୩,୯୦୦ ଟଙ୍କା ଥିଲା। ସଠିକ୍ କଥା ନ କହିବାରୁ ଉକ୍ତ ବ୍ୟକ୍ତି ରାହୁଲଙ୍କୁ ପର୍ସଟି ନଫେରାଇ, ପଡ଼ିଆରେ ଚାଲିଥିବା ଉତ୍ସବ କମିଟିର ସଦସ୍ୟଙ୍କ ଜିମା ଦେଇଥିଲେ। ହୁଏତ ସତ କହିଥିଲେ ଉକ୍ତ ବ୍ୟକ୍ତି ରାହୁଲଙ୍କୁ ପର୍ସଟି ଫେରାଇ ଦେଇଥା'ନ୍ତେ। ବିଚରା ରାହୁଲ ମିଛ କହିଥିବାରୁ ୬୦୦ ଟଙ୍କା ହରାଇଥିଲେ।

ସେହିପରି କନ୍ଧମାଳ ଜିଲ୍ଲାର ୧୮ ମାସର ଜନୈକ ଶିଶୁପୁତ୍ର ସ୍ପାଇନାଲ୍ ମସ୍‌କୁଲାର ଆଷ୍ଟ୍ରେଫି ଟାଇପ୍-୨ ଭଳି ଏକ ବିରଳ ରୋଗରେ ପୀଡ଼ିତ ଥିଲେ ଓ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏହି ବିରଳ ରୋଗର ଚିକିତ୍ସା ପାଇଁ ୧୬ କୋଟି ଟଙ୍କାର ଆବଶ୍ୟକତା ପଡ଼ିବାରୁ ତା'ର ବାପା ମା' ସମୂହ ଦାନ ଓ ପାଣ୍ଠି ସଂଗ୍ରହ ପାଇଁ 'ଗୁଗୁଲ୍ ପେ' ଓ 'ଫୋନ୍ ପେ'ରେ ଅର୍ଥ ପଇଠ କରିବାକୁ ସୋସିଆଲ ମିଡ଼ିଆରେ ନିବେଦନ କରିଥିଲେ। ତାଙ୍କର ଏପରି ଦୁଃଖଦ ସମୟରେ ବହୁ ବଦାନ୍ୟ ଓ ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାଇଥିଲେ। ପରେ ଜଣାପଡ଼ିଥିଲା ଶିଶୁଟିର ବାପା ମା' ୬ କୋଟି ୪ ଲକ୍ଷ ଟଙ୍କା ଆଦାୟ କରିସାରିଥିଲେ। ହେଲେ ହଠାତ୍ ଏହି ଘଟଣାର ମୋଡ଼ ବଦଳି ଯାଇଥିଲା ଯେତେବେଳେ କୋମଳମତି ଶିଶୁ ପାଇଁ ସମବେଦନା ସାଙ୍ଗକୁ ଅପପ୍ରଚାର ବଢ଼ି ବଢ଼ି ଚାଲିଥିଲା। ଟଙ୍କା ଆଦାୟର ଉପଯୋଗ, ପାଣ୍ଠି ସଂଗ୍ରହରେ ଅନ୍ୟମାନଙ୍କ ଭୂମିକାକୁ ନେଇ ସୋସିଆଲ ମିଡ଼ିଆରେ ଅନେକ ପ୍ରଶ୍ନ ଘୂରିବୁଲିଥିଲା। ଏହା ଟଙ୍କା ଆଦାୟ କରିବାର ଏକ ଚକ୍ରାନ୍ତ ଓ ଏଥିପାଇଁ ଏକ ର୍‍ୟାକେଟ କାମ କରୁଛନ୍ତି ବୋଲି ଶୁଣିବାକୁ ମିଳିଥିଲା। ଓଡ଼ିଶାରେ ଏସ୍.ସି.ବି., ଶିଶୁଭବନ ଓ ଭୁବନେଶ୍ୱର ବୃହତ୍ ସରକାରୀ ଡାକ୍ତରଖାନା ଥିଲେ ମଧ ଶିଶୁଟିକୁ ଫୁଲବାଣୀ ଡ଼ାକ୍ତରଖାନାରୁ ଆସାମ ଓ ପରେ ବାଙ୍ଗାଲୁରକୁ ନିଆଯିବା ଘଟଣାକୁ ଆହୁରି ରହସ୍ୟମୟ କରିଥିଲା।

ଏହିଭଳି ଅଭିନବ ଉପାୟରେ ସୋସିଆଲ ମିଡ଼ିଆରେ କିଛି ର୍‍ୟାକେଟ ସକ୍ରିୟ ରହି କୋଟି କୋଟି ଟଙ୍କା ଅର୍ଥ ଆଦାୟ କରୁଛନ୍ତି ଓ ସାଧାରଣ ଜନତା ଏମାନଙ୍କ କଥାରେ ତରଳି ଯାଇ ସେମାନଙ୍କୁ ମୁକ୍ତହସ୍ତରେ ଅର୍ଥ ପ୍ରଦାନ କରି ଚାଲିଛନ୍ତି। ଦିନେ ସମୟ ଆସିବ ଜଣେ ଗରିବ ଓ ଅସହାୟ ବ୍ୟକ୍ତିଙ୍କ କୋମଳମତି ଶିଶୁର ଚିକିତ୍ସା ପାଇଁ ଯଦି ଅର୍ଥ ବାଧକ ସାଜେ ଏବଂ ସେମାନଙ୍କ ପିତାମାତାମାନେ ଯେତେ ଆକୁଳ ନିବେଦନ କଲେ ବି, କୌଣସି ବ୍ୟକ୍ତି ସହଯୋଗର ହାତ ବଢାଇବା ପାଇଁ ଆଗେଇ ଆସିବେ ନାହିଁ। ଶେଷରେ ନିରୀହ କୋମଳମତି ଶିଶୁଟିର ମୃତ୍ୟୁ ହିଁ ସୁନିଶ୍ଚିତ, ଏଥିରେ କୌଣସି ସନ୍ଦେହ ନାହିଁ। ଗୋଟିଏ ଶିଶୁ ପାଇଁ ଶହ ଶହ ଶିଶୁଙ୍କର ଜୀବନ ବଳି ପଡ଼ିବ। ଏହିସବୁ ବିଷୟକୁ ଅନୁଧ୍ୟାନ କଲେ, ଗୋଟିଏ ସତକୁ ଲୁଚାଇବାକୁ ଯାଇ ହଜାର ମିଛର ଆଶ୍ରୟ ନିଆଯାଉଛି। ମିଛ ପାଇଁ ସତ ବଳି ପଡୁଛି ଓ ସତ'ର ମାନ କମି କମି ଯାଉଛି। 'ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି' ଆଜି ଅଲୋଡ଼ା ହୋଇ ଯାଇଛି।

*-କର୍ଣ୍ଣି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪*

# ବାଲେଶ୍ୱର ଷଷ୍ଠ ଜିଲ୍ଲା ପରିଷଦର ତୃତୀୟ ବୈଠକ



ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ତୃତୀୟ ବୈଠକ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମାନନୀୟ ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ), ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ଓଡିଶା ସରକାର ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅନନ୍ତ ଦାସ, ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ଭଦ୍ରକ ଲୋକସଭା ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ବସ୍ତା ବିଧାୟକ ଶ୍ରୀ ନିତ୍ୟାନନ୍ଦ ସାହୁ, ମାନ୍ୟବର ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ସିନ୍ଧେ, ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ଅନୁସୟା ପ୍ରଧାନ, ମାନ୍ୟବର ସୋର ବିଧାୟକଙ୍କ ପ୍ରତିନିଧି ଶ୍ରୀ ଅଜୟ କୁମାର ପଣ୍ଡା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକ ପ୍ରାରମ୍ଭରେ ମଂଚାସୀନ ମାନ୍ୟବର ମନ୍ତ୍ରୀ, ସାଂସଦ ବିଧାୟକ ଓ ଅତିଥିମାନଙ୍କୁ ଫୁଲତୋଡା ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିବା ବେଳେ ସେମାନେ ଏହି ଅବସରରେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରସ୍ତାବ ରଖିବା ସହିତ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ଏହା ପରେ ପୂର୍ବ ବୈଠକର ବିବରଣୀ ସମ୍ବନ୍ଧରେ ସମ୍ୟକ ସୂଚନା ଦିଆଯିବା ସହିତ ଏଜେଣ୍ଡାଓ୍ୱାରୀ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଶିକ୍ଷା ବିଭାଗ ସମ୍ବନ୍ଧୀୟ ଆଲୋଚନା କରାଯାଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାର ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ସ୍ଥିତି ସମ୍ପର୍କରେ ତଥ୍ୟ ରଖିଥିଲେ । ୫-ଟି ଉପକ୍ରମରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟଗୁଡିକରେ ଖାଲିଥିବା ଶିକ୍ଷକ ପଦଗୁଡିକ ତୁରନ୍ତ ପୂରଣ କରିବା ପାଇଁ ଗୃହରେ ସଦସ୍ୟମାନେ ମତ ରଖିଥିଲେ । ବିଦ୍ୟାଳୟଗୁଡିକରେ ଶୈକ୍ଷିକ ପରିବେଶ, ଭିତିଭୂମି ନିର୍ମାଣ ଓ ଶିକ୍ଷକ-କର୍ମଚାରୀ ନିଯୁକ୍ତିରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉ ନଥିବା ଉପସ୍ଥିତ ସଭ୍ୟ-ସଭ୍ୟାମାନେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବାରୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ସେମାନେ ଗୁରୁତ୍ୱାରୋପ କରିଥିଲେ । ସେହିପରି ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ଆଲୋଚନାରେ ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଅଭାବ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଥିବାରୁ ଏ ଦିଗରେ ବିଶେଷ ବ୍ୟବସ୍ଥା କରିବାକୁ ସଦସ୍ୟ-ସଦସ୍ୟାମାନେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ସିନ୍ଧେ ବିଭାଗୀୟ ଅଧିକାରୀମାନଙ୍କୁ ଏସବୁର ସମାଧାନ ପାଇଁ ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ସମ୍ପ୍ରତି ଚାଲିଥିବା ବିଭିନ୍ନ ପ୍ରକଳ୍ପ କାମଗୁଡିକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସେହିପରି ରାସ୍ତା ମରାମତି କାମ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯିବା ଏବଂ ନୂତନ ପ୍ରକଳ୍ପ କାମ ଆରମ୍ଭ ପାଇଁ ଗୃହରେ ଆଲୋଚନା ହୋଇଥିଲା । ଏଥିସହିତ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟସବୁ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବାଲେଶ୍ୱର ଉତର ଓଡିଶାରେ ପ୍ରମୁଖ ସହର ହୋଇଥିବା ବେଳେ ଏଠାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା । ବୈଠକ ଶେଷରେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ଅନୁସୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

—ଇଡି କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ—

# ଗଣତାନ୍ତ୍ରିକ ରାଷ୍ଟ୍ରରେ ଅସହିଷ୍ଣୁ ମୋଦି ସରକାର

ଭୁବନେଶ୍ୱର (ପିଏନ୍): ଭାରତୀୟ ସମ୍ବିଧାନ ଓ ବିଧି ବ୍ୟବସ୍ଥାକୁ ମୋଦି ସରକାର ପାଦରେ ଦଳି ମକଚି ଚାଲିଛନ୍ତି। ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱେଚ୍ଛାଚାରୀ, ପ୍ରତିହିଂସାପରାୟଣ ଓ ଅସହିଷ୍ଣୁ ଶାସନ ଚଳାଇ ଦେଶବାସୀଙ୍କୁ ଏକ ଭୟଙ୍କର ବିପଦ ଆଡକୁ ଟାଣିନେଉଛନ୍ତି। ଦେଶର ଗୋଟିଏ ପରେ ଗୋଟିଏ ସ୍ୱାଧୀନ ଓ ନିରପେକ୍ଷ ସଂସ୍ଥାକୁ ନିଜ ଅଧୀନକୁ ନେଇ ମୋଦି ସରକାର ଏହାର ଦୁରୁପଯୋଗ କରୁଛନ୍ତି। ଭାରତୀୟ ଜାତୀୟ କଂଗ୍ରେସ ଏକ ଆଦର୍ଶ। ଏହି ଆଦର୍ଶକୁ ଆଜି ମଧ୍ୟ ତୃଣମୂଳ ସ୍ତରରେ ବହୁ ବରିଷ୍ଠ ନାଗରିକ ଜାବୁଡ଼ି ଧରିଛନ୍ତି। ଦେଶର ଶିକ୍ଷିତ ଯୁବପିଢ଼ି ଓ ବୁଦ୍ଧିଜୀବୀମାନେ କଂଗ୍ରେସର ନୀତି ଓ ଏହାର ନେତା ପୂର୍ବତନ ଏଆଇସିସି ସଭାପତି ରାହୁଲ ଗାନ୍ଧିଙ୍କ ଉପରେ ଦୃଢ଼ ଆସ୍ଥା ରଖିଛନ୍ତି। ଏହା ଦେଖି ମୋଦି ସରକାର ଅସହିଷ୍ଣୁ ହୋଇପଡ଼ିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଦୁରୁପଯୋଗ କରି ବିନା କାରଣରେ ରାହୁଲ ଗାନ୍ଧିଙ୍କ ସମ୍ମାନହାନୀ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ବାସ୍ତବରେ ଯେଉଁ ନ୍ୟାସନାଲ ହେରାଲ୍ଡ ଆର୍ଥିକ ହେରଫେର କଥା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଥିନେଇ ଏଆଇସିସି କାର୍ଯ୍ୟକାରୀ ଅଧ୍ୟକ୍ଷା ସୋନିଆ ଗାନ୍ଧି ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧି ପୂର୍ବରୁ ବହୁବାର ସ୍ପଷ୍ଟୋକ୍ତି ଦେଇସାରିଛନ୍ତି। ଏହାସତ୍ତ୍ୱେ ମୋଦି ସରକାର ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି କଂଗ୍ରେସକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଏଥିରେ ସେ ସଫଳ ହେବେ ନାହିଁ ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା କହିଛନ୍ତି। ଦେଶର ସାମ୍ବିଧାନିକ ସଂସ୍ଥା ଇଡିକୁ ନିଜ ଦଳର ଏଜେଣ୍ଟ ଭାବେ ବ୍ୟବହାର କରି ମୋଦି ସରକାର କଂଗ୍ରେସକୁ ଅପମାନିତ କରିବାକୁ ଯେଉଁ ଅପଚେଷ୍ଟା ଚଳାଇଛନ୍ତି ଓ ଅଗ୍ନିପଥ ଭଳି ଏକ ଲକ୍ଷ୍ୟହୀନ ଯୋଜନା ଆଣି ଦେଶର ଯୁବପିଢ଼ିଙ୍କ ଭବିଷ୍ୟତକୁ ଯେଭଳି ଭାବେ ଅନ୍ଧାରକୁ ଠେଲିଦେବାକୁ ଅପଚେଷ୍ଟା କରୁଛନ୍ତି ତାହାର ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ଅବସରରେ ଡ. ଲେଙ୍କା କହିଛନ୍ତି, ୨୦୧୪ ମସିହାଠାରୁ ଯେଭଳି ଭାବେ ବିଜେଡି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରୋଶମୂଳକ ଭାବେ ଗାନ୍ଧି ପରିବାର ବିରୋଧରେ ମିଛ ଓ ମନଗଢ଼ା ତଥ୍ୟ ଦେଇ ଇଡି, ସିବିଆଇ ଆଦି ସାମ୍ବିଧାନିକ ସଂସ୍ଥାକୁ ରାଜନୈତିକ ଦଳର ଏଜେଂଟ ଭାବେ ଉପଯୋଗ କରୁଛନ୍ତି, ତାହା ଗଣତନ୍ତ୍ରରେ ହୀନମନ୍ୟତାକୁ ଦର୍ଶାଉଛି। ବିଜେପି ନେତା ଅମିତ ଶାହାଙ୍କ ପୁଅ ଜୟନ୍ତ ଶାହ ୫୦ ହଜାର ଟଙ୍କାରୁ ୮୦ ହଜାର କୋଟି ଟଙ୍କା ଆୟ କରିବା ପଛରେ ବଡ଼ ଧରଣର ଆର୍ଥିକ ଘୋଟାଲା ରହିଥିଲେ ମଧ ଏହାର କୌଣସି ତଦନ୍ତ କରାଯାଉନାହିଁ। ଖାଲି ସେତିକି ନୁହେଁ, ବହୁ ବିଜେପି ନେତା ଓ ମନ୍ତ୍ରୀମାନେ ଅନେକ ଆର୍ଥିକ ହେରଫେର ଓ ଦୁର୍ନୀତିରେ ଜଡ଼ିତ ଥିବା ବେଳେ ସେମାନଙ୍କୁ କେବେ ସିବିଆଇ ଓ ଇଡି ଜେରା କରିବ ବୋଲି ଡ. ଲେଙ୍କା ପ୍ରଶ୍ନ କରିଛନ୍ତି। ଏଥିସହ ଅଗ୍ନିପଥ ଯୋଜନା ଆଣି ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ ସହ ମୋଦି ସରକାର ଯେଉଁ ଖେଳ ଖେଳୁଛନ୍ତି ତାହାକୁ ସେ ନିନ୍ଦା କରିଛନ୍ତି। ଏହି ଅବସରରେ ଶତାଧିକ ଯୁବ କଂଗ୍ରେସ କର୍ମୀ ସିଆରପି ଛକରୁ ଇଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ଯାଇଥିଲେ। ସେମାନେ ନିଜକୁ ମୁଁ ରାହୁଲ ଗାନ୍ଧିର ପରିଚୟ ଦେଇ ରାହୁଲ ଗାନ୍ଧିଙ୍କ ପ୍ରତି ନୈତିକ ଆସ୍ଥା ଓ ବିଶ୍ୱାସ ପ୍ରତିପାଦନ କରିଥିଲେ। ଏଥିସହ ମୋଦି ସରକାରଙ୍କ ସ୍ୱେଚ୍ଛାଚାରୀ ଓ ଅସହିଷ୍ଣୁ ଶାସନ ବିରୋଧରେ ବହୁ ସ୍ଲୋଗାନ ଦେଇ ନାରାବାଜୀ କରିଥିଲେ। ଏହି ସମୟରେ ପୁଲିସ ସହ ଯୁବ କଂଗ୍ରେସ କର୍ମୀମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନରଂଜନ ରାଉତ, ବୀରେନ କୁମାର ଦଳେଇ, ରଂଜିତ ପାତ୍ର, ସନ୍ତୋଷ ବେହେରା, ରାକେଶ ସାହୁ, ବିଶ୍ୱଜିତ ଲେଙ୍କା, ଆଶୁତୋଷ ଲେଙ୍କା, ରିତୁଲ ମହାରଣା, କହ୍ନେୟାଲାଲ ଶାବତ, ଅକ୍ଷୟ କୁମାର ମଲ୍ଲ, ସୁରଜ କୁମାର ରାଉତ, ଚର୍ଚ୍ଚିତ ମହାଲା ପ୍ରମୁଖ ସାମିଲ ହୋଇଥିଲେ।



# ଘନଘନ ବିଜୁଳି କାଟ ବନ୍ଦ, ଗରିବ ଓ ଚାଷୀଙ୍କୁ ମାଗଣା ବିଜୁଳି ଦାବି କଲା ଜିଲ୍ଲା କଂଗ୍ରେସ

ବ୍ରହ୍ମପୁର (ପିଏନ୍): ପାୱାର କଟ୍ ବନ୍ଦ କରିବା, ଲୋ-ଭୋଲଟେଜ୍ ସମସ୍ୟାର ତୁରନ୍ତ ସମାଧାନ, ଓଡ଼ିଆରେ ବିଜୁଳି ବିଲ୍ ପ୍ରଦାନ କରିବା, ଗରିବ ଓ ଚାଷୀଙ୍କୁ ମାଗଣା ବିଜୁଳି, ବିଜୁଳି ସରବରାହ ଜନିତ କ୍ଷତି କମାଇବା ଓ ବିଜୁଳି ଭିତ୍ତି ବିକାଶରେ ଖର୍ଚ୍ଚ ହୋଇଥିବା ୨୦ ହଜାର କୋଟି ଟଙ୍କା ଦୁର୍ନୀତିର ବିଚାର ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ନୂଆ। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ମୁଖପାତ୍ର ରବି ରଥ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ଓଡ଼ିଶା ପରିଚିତ। ଅନ୍ୟ ରାଜ୍ୟମାନଙ୍କୁ ବିଜୁଳି ବିତରଣ ହେଉଛି। କିନ୍ତୁ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସୁବିଧା ଥାଇ ମଧ୍ୟ ଓଡ଼ିଶାର ପ୍ରାୟ ୯୫ ଲକ୍ଷ ଉପଭୋକ୍ତା ଦୈନନ୍ଦିନ ବିଜୁଳି ବିଭ୍ରାଟରେ ହନ୍ତସନ୍ତ ହେଉଛନ୍ତି । ଆଜିକୁ ୨୭ ବର୍ଷ ତଳେ ଏହି ସଂସ୍କାର ଯେତେବେଳେ ଆରମ୍ଭ ହେଲା ସରକାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯିବ। କିନ୍ତୁ ଦୁଃଖର କଥା ନା ବିଜୁଳି ସେବା ଓଡ଼ିଶାରେ ଶସ୍ତା ଓ ସୁଲଭ ମିଳିପାରୁଛି, ନା ଏହା ନିରବଚ୍ଛିନ୍ନ ଗୁଣାତ୍ମକ ହୋଇପାରିଛି ? ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା, ତାମିଲନାଡୁ ଭଳି ରାଜ୍ୟରେ ବିଜୁଳି ଶସ୍ତାରେ ମିଳୁଥିଲା ବେଳେ ବିଜୁଳି ଉତ୍ପାଦକ ରାଜ୍ୟ ଭାବରେ ପରିଗଣିତ ଓଡ଼ିଶାରେ ବିଜୁଳି ବଳକା ହୋଇଥିଲା ବେଳେ ଏହା ଅତ୍ୟନ୍ତ ମହଙ୍ଗା ହୋଇଛି । ଆମଠାରୁ କୋଇଲା କିଣି ବିଜୁଳି ଉତ୍ପାଦନ କରୁଥିବା ଦିଲ୍ଲୀ ଓ ପଞ୍ଜାବ ସାଧାରଣ ଲୋକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଉଥିଲା ବେଳେ ଆମେ କିନ୍ତୁ ଆମ ଚାଷୀଙ୍କୁ ଆଜିଯାଏଁ ମାଗଣା ବିଜୁଳି ଦେଇପାରିଲୁ ନାହିଁ। ତେଣୁ ଓଡ଼ିଶାର ୯୨ ଲକ୍ଷ ବିଜୁଳି ଉପଭୋକ୍ତା ବିଜୁଳି କମ୍ପାନୀମାନଙ୍କର ଅପାରଗତା ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁଁ ଏବଂ ପରିଚାଳନାଗତ ତ୍ରୁଟି ପାଇଁ ପ୍ରତିବର୍ଷ ବିଦ୍ୟୁତ ଶୁଳ୍କ ବୃଦ୍ଧିର ବୋଝ ବୋହୁଛନ୍ତି । ଆଜି ବି ଓଡ଼ିଶାରେ ସରବରାହ ଜନିତ କ୍ଷତି ୨୯ ଶତାଂଶ । ଗୋଟିଏ ଶତାଂଶ ସରବରାହ ଜନିତ କ୍ଷତି ଆମେ ଯଦି କମ୍ କରିପାରିବା ତାହାହେଲେ ବାର୍ଷିକ ୧୫୩ କୋଟି ଟଙ୍କାର ରାଜସ୍ୱ ସଞ୍ଚୟ ହୋଇପାରିବ। ଅର୍ଥାତ୍ ୨୯ ପ୍ରତିଶତ କ୍ଷତି ଯୋଗୁଁ ଆମେ ହାରାହାରି ବାର୍ଷିକ ୪ହଜାର ୨୦୦ କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ବୋଝ ମୁଣ୍ଡାଇ ଚାଲିଛୁ। ବିଜୁଳି ଭିତ୍ତିଭୂମିର ବିକାଶ ପାଇଁ ବିଗତ ୨୭ ବର୍ଷ ଭିତରେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ବି ରାଜ୍ୟବାସୀ ଗୁଣାତ୍ମକ ବିଜୁଳି ସେବା ପାଇପାରୁନାହାନ୍ତି। ଟାଟା କମ୍ପାନୀ ଏହି ଦାୟିତ୍ୱ ନେବା ପରେ ପୂର୍ବରୁ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ପ୍ରାୟ ୩ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ଏଥିପାଇଁ ବହୁବାର ଆନ୍ଦୋଳନ ହୋଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ଆପଣ ଏ ଦିଗରେ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବେ ବୋଲି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି।

## ଜନ୍ମଶତବାର୍ଷିକୀ ଅବସରରେ ସାଥୀ ପ୍ରସନ୍ନ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍)– ଓଡ଼ିଶାର ବିଶିଷ୍ଟ ଜନନେତା, ପୂର୍ବତନ ବିଧାୟକ, ରାଜ୍ୟ ଏଆଇଟିୟୁସିର ପୂର୍ବତନ ସଭାପତି, ଭାରତରେ ବିସ୍ଥାପନ ଆନ୍ଦୋଳନର ପ୍ରବାଦ ପୁରୁଷ ସାଥୀ ପ୍ରସନ୍ନ କୁମାର ପଣ୍ଡାଙ୍କ ଜନ୍ମଶତବାର୍ଷିକୀରେ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ରାଜ୍ୟ ସହସମ୍ପାଦକ କ୍ଷିରୋଦ ସିଂହଦେଓ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶିଶୁ ଶ୍ରମ ନିରାକରଣ ପାଇଁ ସଚେତନତା ରାଲି



ବାଲେଶ୍ୱର (ପିଏନ୍)- ଶିଶୁ ଶ୍ରମ ନିରାକରଣ ପାଇଁ ବାଲେଶ୍ୱର ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ସକାଳ ପ୍ରାୟ ୮ଘଟିକା ସମୟରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଏହି ରାଲି ବାହାରି ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଉପସ୍ଥିତିରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟ କ୍ଷେତ୍ରରେ ଶିଶୁ ଶ୍ରମିକ ନିୟୋଜନ ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏଥି ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ଏବଂ ଶିଶୁମାନଙ୍କ ଶିକ୍ଷା ଓ ଅନ୍ୟ ଅଧିକାର ସମ୍ପର୍କରେ ସହରବାସୀଙ୍କୁ ଏହି ରାଲି ମାଧ୍ୟମରେ ସଚେତନ କରାଯାଇଥିଲା । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରାଲିରେ ନେହେରୁ ଯୁବ କେନ୍ଦ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ମୁଁ ତୁମର ସାଥୀ"ର ସଦସ୍ୟ-ସଦସ୍ୟାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରମିକ ସଙ୍ଗଠନ ଓ ସରକାରୀ କାର୍ଯ୍ୟାଳୟର କର୍ମକର୍ତା ମାନେ ଅଂଶଗ୍ରହଣ କରିଥିଲେ । ସହର ପରିକ୍ରମା ସମୟରେ ସେମାନେ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ବାର୍ତା ପ୍ରଚାର କରିଥିଲେ । ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ସହକାରୀ ଶ୍ରମ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ବିଏଡିସି ରାଜ୍ୟ ଆବାହକ ଶ୍ରୀ ଗୋପାଳ କୃଷ୍ଣ କର, ଏଆଇଟିୟୁସି ରାଜ୍ୟ ଉପସଭାପତି ଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟମାନଙ୍କ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଜୀ-ସାର୍ଥକର ଏକ ଅଭିନବ ପ୍ରୟାସ: ନାଲି ବିନ୍ଦୁ ଅଭିଯାନ




ଖୋର୍ଦ୍ଧା (ପିଏନ୍)- ଓଡ଼ିଶାରେ ମହିଳାଙ୍କ ଋତୁସ୍ରାବ ସମ୍ପର୍କିତ ସଚେତନତା ସୃଷ୍ଟି କରିବାକୁ ଅଭିନବ ଢଙ୍ଗରେ ଅଭିଯାନ ଆରମ୍ଭ କରିଛି ଜୀ-ସାର୍ଥକ। ଏହି ଅଭିଯାନର ନାଁ ରହିଛି ନାଲି ବିନ୍ଦୁ ଅଭିଯାନ। ଯାହା ଏବେ ଓଡ଼ିଶାର ଘରେ ଘରେ ପହଁଚି ଯାଇଛି। ମହିଳାଙ୍କ ମଧ୍ୟରେ ସର୍ବାଧିକ ସଚେତନତା ସୃଷ୍ଟି କରିବା ସହ ଏ ନେଇ ଶିକ୍ଷାଦାନ ଯୋଗାଇବା ଲକ୍ଷ୍ୟରେ ନାଲି ବିନ୍ଦୁ ଭିଜୁଆଲ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଓଡ଼ିଶାର ଗଣପର୍ବ ରଜ ପର୍ବ ମଧ ଏହାକୁ ପ୍ରତିନିଧିତ୍ୱ କରୁଥିବାରୁ ରଜପର୍ବଠାରୁ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକ ନାଲି ବିନ୍ଦୁ କ୍ୟାମ୍ପେନ ଲୋକଙ୍କ ପାଖରେ ପହଂଚିବା ଆରମ୍ଭ ହୋଇଛି। ମାସିକ ଋତୁସ୍ରାବ କାରଣରୁ ଅଧିକାଂଶ କିଶୋରୀ ପାଠପଢାରୁ ବଂଚିତ ହୁଅନ୍ତି। ମାସକୁ ଅନ୍ୟୂନ ୫ଦିନ କିଶୋରୀମାନେ ସ୍କୁଲ ଯାଇପାରୁ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୁଏ। ଫଳରେ ଲକ୍ଷ ଲକ୍ଷ ଛାତ୍ରୀ ମାନସିକଭାବେ ମଧ କ୍ଷତିଗ୍ରସ୍ତ ହୁଅନ୍ତି। ଗ୍ରାମାଚଂଳରେ ଏହି ହାର ଅଧିକ ରହିଥିବା ବେଳେ ସାନିଟାରୀ ନାପ୍‌କିନ୍ ବ୍ୟବହାର ଦିଗରେ ମଧ ସଚେତନ କରିବାର ଆବଶ୍ୟକତା ରହିଛି। ରଜପର୍ବରେ ଧରଣୀରାଣୀ ରଜସ୍ୱଳା ହେଉଥିବା ବିଶ୍ୱାସ ରହିଥିବା ବେଳେ ଏହି ପର୍ବରେ ଏଭଳି ମହାନ ଅଭିଯାନ ଆରମ୍ଭ କରି ଜୀ-ସାର୍ଥକ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଛି। କେବଳ ସେତିକି ନୁହେଁ ନାଲି ବିନ୍ଦୁ ସ୍ଲୋଗାନ ସହ କିଶୋରୀମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଆହ୍ୱାନ ଦେଇଛି ଜୀ-ସାର୍ଥକ। ଜୀ-ସାର୍ଥକର ଏହି ଅଭିନବ ଅଭିଯାନ ସମ୍ପର୍କରେ ଚ୍ୟାନେଲର ଚିଫ୍ ଅଫିସର ପ୍ରତୀକ ସିଲ୍ କୁହାନ୍ତି ଓଡ଼ିଶାରେ ମହିଳାମାନଙ୍କୁ ଋତୁସ୍ରାବ ସମ୍ପର୍କରେ ସଚେତନ କରିବାକୁ ଏଭଳି ଏକ ଅଭିଯାନ ଆମେ ଆରମ୍ଭ କରିଛୁ। ଏହାଦ୍ୱାରା ସଚେତନତା ବଢିବା ସହ ଲୋକମାନଙ୍କ ସହ ଯୋଗାଯୋଗ ବୃଦ୍ଧି ହୋଇପାରିବ। ସେହିଭଳି ଆମେ ସମସ୍ତେ ଚାହିଁଲେ ପ୍ରତିମାସରେ ଛାତ୍ରୀମାନଙ୍କୁ ୫ଦିନ ସ୍କୁଲ ବନ୍ଦ କରିବାରୁ ରୋକାଯାଇପାରିବ। ଏ ଦିଗରେ ଆମ ସମସ୍ତଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ। ଜୀ-ସାର୍ଥକ ଏନେଇ ନାଲି ବିନ୍ଦୁ ଅଭିଯାନ ଆରମ୍ଭ କରିଛି, ଯେଉଁଥିରେ ସାଧାରଣ ଲୋକେ ସହଯୋଗ କରିବେ ବୋଲି ଆମେ ଆଶା କରୁଛୁ।




# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ-୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବର୍ତ୍ତୀ ସମରେ କୃଷି ବିଶେଷଜ୍ଞ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି । ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

# ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଉଳାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖିଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

**ଉପକାରିତା -**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷ୍ମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।



**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।



ସୁତରାଂ ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।

# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

**ଇଂ ଅଭୟ ସୂତାର**

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ୍ୟ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଡ଼ାଙ୍ଗରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍ ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ୍ୟ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ୍ୟ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କ୍ୱାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




# ଖଣି ବ୍ୟବସାୟୀଙ୍କ କଳା ସାମ୍ରାଜ୍ୟର ଖିଅ ଖୋଜୁଛି ଆୟକର ବିଭାଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦୁରିଆ ପଞ୍ଚାୟତ ସାରୋଇ ଗ୍ରାମର ବିଶିଷ୍ଟ ଖଣି ବ୍ୟବସାୟୀ ଶ୍ରୀବାସ ଜେନାଙ୍କ ବେଆଇନ ବ୍ୟବସାୟର ଖିଅ ଖୋଜୁଛି ଆୟକର ବିଭାଗ । ବିଭାଗୀୟ ଅଧିକାରୀ ମଙ୍ଗରାଜ ସେଠୀଙ୍କ ନେତୃତ୍ୱରେ ଆସିଥିବା ତଦ'କାରୀ ଦଳ ୪ ଦିନ ହେଲା ଶ୍ରୀବାସ ଓ ତାଙ୍କ ସହଯୋଗୀଙ୍କ କଳା ସାମ୍ରାଜ୍ୟର ଖୋଳତାଡ଼ କରୁଥିଲେ ହେଁ, ଏହାର ଚେର କେତେ ଦୂର ଲମ୍ବିଛି ସେ ସଂପର୍କରେ କୌଣସି ସୂଚନା ଦେଉନି । ବିରି ମାଡ଼ ଦେଖି କୋଳଥ ଚେପା ସଦୃଶ ଏହି ଚଢ଼ଉ ପରଠାରୁ ଧର୍ମଶାଳା ତହସିଲ ଅଞ୍ଚଳର ଅଧିକାଂଶ ଖଣି ଖାଦାନ, କ୍ରସର, ବାଲିଘାଟ ଆଦି ସୈରାତ୍ ବନ୍ଦ ରହିଛି । ବ୍ୟବସାୟିକ ସହଯୋଗୀଙ୍କ ଏଭଳି ଦୁର୍ଦ୍ଦିନରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅଞ୍ଚଳରେ ଦେଖିବାକୁ ନମିଳିବା ଘଟଣା ଏହାକୁ ଅଧିକ ରହସ୍ୟମୟ କରି ଦେଇଛି । ଗତ ୧୬ତାରିଖ ଭୋରୁ ଆୟକର ବିଭାଗର ଅଧିକାରୀମାନେ ଶ୍ରୀବାସଙ୍କ ସାରୋଇ ଗ୍ରାମସ୍ଥିତ ପୈତୃକ ଘର, କାର୍ଯ୍ୟାଳୟ, ହରିଦାସପୁର ମୌଜାରେ ଥିବା ଷ୍ଟକ୍‌ୟାର୍ଡ଼, ପରିବହନ ସଂସ୍ଥା ଏସ୍‌ଟି ମିନେରାଲସ୍, ଅତ୍ୟ' ଘନିଷ୍ଠ ସହଯୋଗୀ ପ୍ରଶା' କୁମାର ଜେନାଙ୍କ ପିକେ ମିନେରାଲସ୍, ପଣ୍ଡୁଆ ଶିଳ୍ପାଞ୍ଚଳରେ ଥିବା ନିରଂଜନ ଦେଓଙ୍କ କୋଣାର୍କ ଟ୍ରାନ୍ସପୋର୍ଟ, ଅପୂର୍ବ ସାହୁଙ୍କ ଅରୁଣି ଟ୍ରାନ୍ସପୋର୍ଟ, ଭୁବନେଶ୍ୱର ରଚିକା ମାର୍କେଟ ହାଉସିଂ ବୋର୍ଡ କଲୋନୀ ବାସଭବନ, ହାଇଦ୍ରାବାଦ ଘର, ସହଯୋଗୀ ଖଣିମାଲିକଙ୍କ କାର୍ଯ୍ୟାଳୟ ଓ ଡଙ୍କାରି ଅଞ୍ଚଳରେ ଥିବା ଏକାଧିକ ମେଗା କ୍ରସର ୟୁନିଟ୍‌ରେ କାଗଜପତ୍ର ଯାଞ୍ଚ କରୁଛନ୍ତି । ଏକ ଲମ୍ବା ଚଢ଼ଉ ଚାଲିଥିଲେ ବି ଆୟକର ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ନଦେବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଡଙ୍କାରି କଳାପଥର ଲୁଟ୍ ଓ ରାଜସ୍ୱ ଫାଙ୍କି ଲିଙ୍କ୍‌ରେ ଏହି ଚଢ଼ାଉ ହେଉଥିବା ସନ୍ଦେହ କରାଯାଉଛି । ସୂଚନା ଯୋଗ୍ୟ, ୨୦୦୨/୦୩ ଆର୍ଥିକ ବର୍ଷରୁ ୨୦୧୫/୧୬ ପର୍ଯ୍ୟ' ଶ୍ରୀବାସ ଡଙ୍କାରି ପାହାଡ଼ରେ ଥିବା କଳାପଥର ଖାଦାନଗୁଡ଼ିକୁ ଦୀର୍ଘମିଆଦି ସୂତ୍ରରେ ଲିଜ୍ ନେଇଥିଲେ । ଲିଜ୍ ଅଞ୍ଚଳ ସମେତ ବହୁ ଅଧିକ ଅଞ୍ଚଳରୁ ବିପୁଳ ପରିମାଣର କଳାପଥର ଉତ୍ତୋଳନ ଓ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା । ପରେ ଏହି ଚର୍ଚ୍ଚିତ ଦୁର୍ନୀତିର ତଦ' କରିଥିଲା ଖଣି ବିଭାଗ । ଏଠାରେ ବିପୁଳ ଟିକସ ଫାଙ୍କି ସହିତ ଚୁକ୍ତି ଠାରୁ ବହୁ ଗୁଣ କଳାପଥର ଖନନ ଓ ପରିବହନ ହୋଇଥିବା ଜଣାପଡିଥିଲା । ଏନେଇ ତହସିଲ ପକ୍ଷରୁ ପତ୍ରସଂଖ୍ୟା-୧୮୭୮/ ୨୮.୫.୨୦୧୬ରେ ୫୮କୋଟି ୬୨ଲକ୍ଷ ୬୯ହଜାର ୬୩୩ଟଙ୍କା ରାଜସ୍ୱ ପୈଠ କରିବାକୁ ଲିଜ୍‌ଧାରୀ ଶ୍ରୀବାସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହି ନିର୍ଦ୍ଦେଶକୁ ଚ୍ୟାଲେ଼ କରି ଶ୍ରୀବାସ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଇତି ମଧ୍ୟରେ ଏହି ଘଟଣାକୁ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ରାଜସ୍ୱ ପୈଠ ହୋଇନଥିବା ଜଣାପଡିଛି । ସେହିପରି ଏକାଧିକ ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ହୋଇଥିବା ଲୁହାଗୁଣ୍ଡ ବ୍ୟବସାୟ ଓ ବିଦେଶ ରପ୍ତାନି କାରବାର ଲିଙ୍କ୍‌ରେ ଶ୍ରୀବାସଙ୍କ ସଂପୃକ୍ତିର ଛାନ୍‌ଭିନ୍ ହେଉଥିବା ସନ୍ଦେହ କରାଯାଉଛି । ଆଳୁ ଖୋଳ ଖୋଳୁ ମହାଦେବ ବାହାରିବା ଭଳି ହାଇଦ୍ରାବାଦର ଠିକାଦାର ମନୋହର ରେଡ୍ଡୀଙ୍କ ବ୍ୟବସାୟିକ କାରବାରର ଖୋଳତାଡ଼ କରୁଥିବା ଆୟକର ବିଭାଗ ଆସି ଧର୍ମଶାଳା ଅଞ୍ଚଳର କେତେକ ଖଣିମାଲିକଙ୍କ ଘରେ ପହଞ୍ଚିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ୪ଦିନ ହେଲା ଆୟକର ବିଭାଗର ଅଧିକାରୀମାନେ ଝାଳ ବୁହାଇ କଣ ଘଣ୍ଟାଚକଟା କରୁଛନ୍ତି ଓ ଏଥିରୁ କି ଫଳ ମିଳୁଛି, ଏହାକୁ ଦେଖିବାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି ।

## କେନ୍ଦ୍ରାପଡା-ଗଣ୍ଡାକିଆ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ତସାହି - ଗଣ୍ଡାକିଆ ରାସ୍ତାରେ ଭାରିଯାନ ଚଳାଚଳକୁ ସ୍ଥାନୀୟ ବୁଦ୍ଧିଜୀବିମାନେ ବିରୋଧ କରିଛନ୍ତି । ସାନ୍ତସାହି ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୧୨ କି.ମି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଦଶ ଚକିଆ ଓ ହାଇୱା ସମେତ ଅନ୍ୟାନ୍ୟ ଭାରିଯାନ ଚଳାଚଳ ଯୋଗୁଁ ସାଧାରଣ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଦୈନିକ ଏହି ରାସ୍ତା ଦେଇ ଶହଶହ ଲୋକ ଜିଲ୍ଲା ସଦର ମହକୁମାକୁ ଯାତାୟତ କରିବା ସହିତ ଛାତ୍ରଛାତ୍ରୀମାନେ ସ୍କୁଲ କଲେଜକୁ ଯିବା ଆସିବା କରିଥାନ୍ତି । ଭାରିଯାନ ଚଳାଚଳ ଯୋଗୁଁ ବିଶେଷ କରି ବୃଦ୍ଧ, ବୃଦ୍ଧା ଶିଶୁ, ଏବଂ ୨ ଚକିଆ ଗାଡି ଚାଳକମାନଙ୍କ ପ୍ରତି ବିପଦ ଦେଖାଦେଇଛି । ଏଥିସହିତ ଏହି ରାସ୍ତା ଦେଇ ଭାରିଯାନ ଗୁଡିକ ନିର୍ମାଣ ସାମଗ୍ରୀ ଧରି ରାଜନଗର, ପଟ୍ଟାମୁଣ୍ଡାଇ ଓ ମହାକାଳପଡା ଆଦି ଅଞ୍ଚଳକୁ ଯିବା ଆସିବା କରିଥାନ୍ତି । ଗତ ଅପ୍ରେଲ ମାସ ୨୯ ତାରିଖ ଦିନ ଆୟବା ଛକ ନିକଟରେ ଏକ ହାଇୱା ଦୁର୍ଘଟଣାରେ ସାରଙ୍ଗ ଗ୍ରାମର ୨ ଜଣ ଯୁବକ ଗୁରୁତର ଆହତ ହୋଇ ଏବେ ସୁଦ୍ଧା କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଭାରିଯାନ ଚଳାଚଳ ଦିଗରେ ନିଷ୍ପେଧାଦେଶ ଜାରି କରିବାକୁ ଗଣ୍ଡାକିଆ ନରଣପୁର ଗ୍ରାମର ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବି ଅମିୟ କୁମାର ସ୍ୱାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ସଫଳ ହେଲା ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ଟ୍ରାଫିକ ସମସ୍ୟାଜନିତ ଅଭିଯାନ

ପାରାଦୀପ (ପିଏନ୍)-ଦୀର୍ଘଦିନ ହେବ ପାରାଦୀପର ମୁଖ୍ୟ ପ୍ରବେଶ ପଥ ଦୋଛକିଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାଜ୍ୟ ଓ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଭାରୀଯାନ ପାର୍କିଙ୍ଗ ଏବଂ ଜବରଦଖଲ ଦ୍ୱାରା ଏଠାରେ ଅନେକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟଲାଣି । ଏ ବାବଦରେ ଅନେକ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିବାଦ ସତ୍ତ୍ୱେ ଏ ସମସ୍ୟାର ସମାଧାନ ହୋଇପାରିନଥିଲା । ତେବେ ପରିସ୍ଥିତିର ଗମ୍ଭିରତାକୁ ହୃଦୟଙ୍ଗମ କରି ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଏହାର ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନକୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର ସମାଧାନ ନହେଲେ ସାମ୍ବାଦିକମାନେ ରାଜରାସ୍ତାକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଥିଲେ । ଏ ଘଟଣା ପରେ ପ୍ରଶାସନ ତ୍ୱରିତ ପଦକ୍ଷେପ ସ୍ୱରୂପ ରାସ୍ତା ଅବରୋଧ କରୁଥିବା ଟ୍ରକ୍ ଜବତ କରିବା ସହିତ ଏକ ଷ୍ଟାକ୍‌ୟାର୍ଡ ତିଆରି କରି ସେଠାରେ ରଖିବାକୁ ଯୋଜନା କରିଛି,ଏବଂ ସ୍ଥିରୀକୃତ ସ୍ଥାନରେ ବାଲି ପୋତିବାକୁ ଜିଲ୍ଲାପାଳ ପାରାଦୀପ ବନ୍ଦରକୁ ତାର ସିଏସଆର୍ ଅର୍ଥ ବିନିଯୋଗରେ ଏହି କାର୍ଯ୍ୟ କରିବାକୁ ଚିଠି କରିଛନ୍ତି । ଯେହେତୁ ଅଧିକାଂଶ ଭାରୀଯାନ ପାରାଦୀପ ବନ୍ଦରକୁ ପଣ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଆସିଥାନ୍ତି ତେଣୁ ନୈତିକତା ଦୃଷ୍ଟିରୁ ପାରାଦୀପ ବନ୍ଦରକୁ ଏହି ବାଲି ଫିଲିଙ୍ଗ୍ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେଉଛି । ସୋମବାର ଦିନ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ପ୍ରତିନିଧି ଦଳ ପାରାଦୀପର ଅଠରବାଙ୍କୀରୁ ଦୋଛକି ପର୍ଯ୍ୟ' ରାସ୍ତାର ଟ୍ରାଫିକ ସମସ୍ୟା ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲେ । ଏହାପରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚରଣ ଧୀର ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ବୈଠକ ବସିଥିଲା । କାର୍ଯ୍ୟରତ ସାମ୍ବାଦିକମାନେ ଦାବୀପତ୍ର ପ୍ରଦାନ ପରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ଚିଠି ସମେତ ଅନ୍ୟାନ୍ୟ ଦସ୍ତାବିଜମାନ ଦେଖିବା ପରେ କାର୍ଯ୍ୟରତ ସାମ୍ବାଦିକମାନେ ସନ୍ତୁଷ୍ଟି ପ୍ରକାଶ କରିଥିଲେ ଏବଂ ସାମୟିକ ଭାବେ ଅନ୍ଦୋଳନକୁ ସ୍ଥଗିତ ରଖିଥିଲେ । ପ୍ରଶାସନ ଯଦି ଏହି କାର୍ଯ୍ୟକୁ ସଠିକ୍ ଭାବେ ପରିଚାଳନା ନକରେ ତେବେ ଆଗାମୀ ଦିନରେ ଏ ସମ୍ପର୍କରେ କାର୍ଯ୍ୟରତ ସାମ୍ବାଦିକମାନେ ନିଷ୍ପତିର ପୁର୍ନବିଚାର କରିବେ ବୋଲି ସୂଚନା ଦେଇଛନ୍ତି । ନିଷ୍ପାପର ଭାବେ ପାରାଦୀପ ଅଂଚଳର ବହୁ ପୁରାତନ ଜନହିତକର ସମସ୍ୟାକୁ ସମାଧାନର ବାଟ କଢେଇ ନେଇଥିବାରୁ ପାରାଦୀପର ବହୁ ସାମାଜିକ ସଙ୍ଗଠନ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଜଣେ ଟିବି ରୋଗୀଙ୍କୁ ୬ ୟୁନିଟ୍ ରକ୍ତଦାନ କଲେ ଗରିବ ସେବାସଦନର ସଦସ୍ୟ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ଅଂଚଳର ବହୁ ପୁରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗରିବ ସେବାସଦନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରିବ ଅସହାୟ ଲୋକଙ୍କୁ ସାହାଯ୍ୟ ଓ ସହାୟତା ଯୋଗାଇ ଦେଉଥିବା ବେଳେ ଘସିପୁରା ବ୍ଲକ ବଳରାମପୁର ପଂଚାୟତ ସରେଇଁ ଗ୍ରାମର ଜଣେ ଗରିବ ଅସହାୟ ବ୍ୟକ୍ତି ଯିଏକି ଦୀର୍ଘଦିନ ହେବ ଟିବି ରୋଗରେ ଆକ୍ରାନ୍ତ ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ତାଙ୍କର ଅପରେସନ ଥିବାରୁ ୫ ୟୁନିଟ୍ 'ଓ' ପଜିଟିଭ୍ ରକ୍ତର ଆବଶ୍ୟକତା ଥିଲା । ଏହି ଖବର ପାଇ ଗରିବ ସେବାସଦନର ପ୍ରତିଷ୍ଠାତା ଡ. ଶମ୍ଭୁନାଥ ରାଉତଙ୍କ ନିର୍ଦ୍ଦେଶକ୍ରମେ ସେବାସଦନର ସ୍ୱେଚ୍ଛାସେବୀ ସଦସ୍ୟମାନେ ଏକ ବୋଲେରୋ ଗାଡିରେ କଟକ ଡାକ୍ତରଖାନାକୁ ଯାଇ ୫ୟୁନିଟ୍ ରକ୍ତଦାନ କରିଥିଲେ । ଏହି ରୋଗୀଙ୍କୁ ୫ ଦିନ ଧରି ଗୋଟିଏ ଲେଖାଏଁ ରକ୍ତ ଦିଆଯିବ ବୋଲି ଡାକ୍ତର ପ୍ରକାଶ କରିଛନ୍ତି ।

# ବିଜେପି ସରକାରର ଆକ୍ରୋଶ ରାଜନୀତି ଓ ପୋଲିସ୍ ଅତ୍ୟାଚାର ବିରୁଦ୍ଧରେ କଂଗ୍ରେସର ବ୍ଲକ୍‌ସ୍ତରୀୟ ପ୍ରତିବାଦ ବିକ୍ଷୋଭ

ରାଉରକେଲା (ପିଏନ୍) : ବିଜେପି ନେତୃତ୍ୱାଧିନ ମୋଦି ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ଓ କଂଗ୍ରେସ କର୍ମକର୍ତ୍ତାଙ୍କ ଉପରେ ପୋଲିସ୍‌ର ଜୁଲମ ପ୍ରତିବାଦରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାର ୫ଟି ବ୍ଲକ୍‌ରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏକ ନମ୍ବର ବ୍ଲକ୍‌ର ପାନପୋଷ ଗାନ୍ଧୀ ଛକଠାରେ କଂଗ୍ରେସର କାର୍ଯ୍ୟନିର୍ବାହୀ ସଦସ୍ୟ ମାତାପ୍ରସାଦ ଜୟସ୍ୱାଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦୁଇ ନମ୍ବର ବ୍ଲକ୍‌ର ମାଲଗୋଦାମ ରୋଡରେ ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ୩ ନମ୍ବର ବ୍ଲକ୍ ଅଧ୍ୟକ୍ଷ ଜାଫର ନୁମାନଙ୍କ ଅଧ୍ୟକ୍ଷତାରେ ନାଲାରୋଡ ଚୌକ ଠାରେ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୪ ନମ୍ବର ବ୍ଲକ୍‌ର ବିଏସ୍‌ଏନ୍‌ଏଲ୍ ଛକଠାରେ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନାଙ୍କ ଉଦ୍ୟମରେ ସମ୍ପନ୍ନ ହୋଇଥିଲା । ୧୦ ନମ୍ବର ବ୍ଲକ୍‌ରେ ସଭାପତି ରାଜେନ୍ଦ୍ର ରଜାକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ଅ'ରୀଣ ସଭାପତି ଦେବବ୍ରତ ବିହାରୀ, ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ସୁଦନ ତ'ୀ, ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମିରନ ପାଢୀ, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ କର୍ମକର୍ତ୍ତା ତଥା ସାଧାରଣ ଲୋକଙ୍କୁ ସମ୍ବୋଧିତ କରିଥିଲେ । ସମ୍ପ୍ରତି ଦରଦାମ୍ ବୃଦ୍ଧି, ବେକାରୀ ଓ ବେରୋଜଗାରୀକୁ ନେଇ ଦେଶବାସୀ ଚିନ୍ତିତ ଥିବାବେଳେ ସରକାର ଦଳ ବିଜେପିର ପ୍ରବକ୍ତାମାନଙ୍କ ଦ୍ୱାରା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦିଆଯାଇ ଦେଶରେ ଅରାଜକତା ସୃଷ୍ଟି କରାଯାଉଛି ବୋଲି କହିଥିଲେ । ସେହିପରି ଅଗ୍ନିପଥ ଯୋଜନାରେ ଦେଶର ସେନାବାହିନୀରେ ଯୁବକମାନଙ୍କୁ ୪ ବର୍ଷ ପାଇଁ ନିଯୁକ୍ତି ଦେଇ ଯବାନମାନଙ୍କୁ ଲାଞ୍ଛିତ ଓ ଅପମାନ କରିବା ପାଇଁ ମୋଦି ସରକାର ଯେଉଁ ଉଦ୍ୟମ କରୁଛନ୍ତି ତାକୁ ଆଜି ଦେଶବ୍ୟାପି ଯୁବସମାଜ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ । ତେବେ ଏସବୁରୁ ଲୋକଙ୍କ ନଜର ଏଡାଇବା ପାଇଁ ଆଜି ମୋଦି ସରକାର ଇଡିକୁ ବ୍ୟବହାର କରି ସରକାରଙ୍କ କଟୁ ସମାଲୋଚକ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମିଥ୍ୟା ତଥା ମନଗଢା ମାମଲାରେ ସମ୍ପୃକ୍ତ କରି ଅଯଥାରେ ହଇରାଣ କରୁଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ । ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଦବାଇ ଲୋକତନ୍ତ୍ରକୁ ହତ୍ୟା କରିବା ପାଇଁ ଯେଉଁ ଉଦ୍ୟମ ଚାଲିଛି ସେଥିରୁ ମୋଦି ସରକାର ନିବୃତ୍ତ ନ ରହିଲେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି କଂଗ୍ରେସ ନେତୃବୃନ୍ଦ ଚେତାବନୀ ଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ଉପସଭାପତି ଶୋଭା ସିଂ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସମ୍ପାଦକ ଧର୍ମେନ୍ଦ୍ର ପରମାର ଓ ପ୍ରତିମା ପାଣିଗ୍ରାହୀ, ସୁନୀଲ ସିଂହ ଓ ରାଜେନ୍ଦ୍ର ଶର୍ମା, କାର୍ଯ୍ୟନିର୍ବାହୀ ସଦସ୍ୟ ଏମ୍‌ଡି ମୁର, ରୁକସାନା ବେଗମ, ଯୁବନେତା ସାକିର ହୁସେନ, ସେବାଦଳର ବୁଲୁ ଦାସ, ନାରୀନେତ୍ରୀ ଝୁନୁ ପଟ୍ଟନାୟକ, ବ୍ଲକ୍ ସଭାପତି ବିଜୟ ଆପଟ ଓ ସୁନୀଲ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ଉପାଧ୍ୟକ୍ଷ ସୁଧୀର ନାଥ, ପି. ଗୋବିନ୍ଦା, କୁଅଁର ସିଂ, ଈଶ୍ୱର ପ୍ରଧାନ, ରାଜନ ତନ୍ତୀ, ବସନ୍ତ ମହାକୁଡ, ବିଜୟ ସାହୁ, ପ୍ରତାପ ସାହୁ, ବଳବୀର ସିଂହ, ଚତୁର୍ଭୁଜ ସାମଲ, ଏମ୍‌ଡି ସଲ୍ଲାଉଦ୍ଦିନ, ସୁଧୀର ଚୌହାନ, ବିବେକ ସାହୁ, ସୋନୁ ସାହୁ, ଅର୍ଜୁନ ଗୋଛାୟତ, ଡେଭିଡ ପ୍ରଧାନ, ଏମ୍‌ଡି ଆଲମ, ବାବୁ ଖାନ, ଅବଦ୍ଧୁଲ କୟୁମ, ରେହେମାନ ଖାନ ପ୍ରମୁଖଙ୍କ ସମେତ ବହୁ ବ୍ଲକ୍ ସ୍ତରୀୟ କଂଗ୍ରେସ କର୍ମକର୍ତ୍ତା ଭିନ୍ନ ଭିନ୍ନ ବ୍ଲକ୍‌ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ପ୍ରସ୍ତୁତି ବୈଠକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ଏକ ସାଧାରଣ ବୈଠକ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ଡିସେମ୍ବର ୨୬ତାରିଖରେ ପାଳିତ ହେବାକୁ ଥିବା ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ଆଦିକନ୍ଦ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ଲାଟିନମ ଜୁବୁଲି ଉତ୍ସବରେ ଓଡିଶାର ମହାମହିମ ରାଜ୍ୟପାଳଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତି ହୋଇଥିଲା। ସଂସଦର ଉପଦେଷ୍ଟା ରମେଶ ଚନ୍ଦ୍ର ସିଂ ବାଣୀପୀଠର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ନିମ' ଅତିଥି ଚୟନ, ବିଭିନ୍ନ କମିଟି ଗଠନ ଏବଂ ଏହାକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ପ୍ଲାଟିନମ ଜୁବୁଲି ପାଇଁ ଅଭ୍ୟର୍ଥନା କମିଟି, ଅର୍ଥ କମିଟି, ପତ୍ରିକା କମିଟି ସହ ବିଭିନ୍ନ କମିଟି ଗଠନ କରାଯାଇ ପୁରାତନ ଛାତ୍ର ମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସଂସଦର ମୁଖପତ୍ର 'ବାଣୀବିତାନ'କୁ ଚଳିତ ବର୍ଷ ସ୍ୱତନ୍ତ୍ର ଓ ଗୁଣାତ୍ମକ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଠାରୁ ଲେଖା ଗ୍ରହଣ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଆସନ୍ତା ଅକ୍ଟୋବର ୩୦ତାରିଖ ସୁଦ୍ଧା ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପତ୍ରିକା ପାଇଁ ଉଦ୍ଦିଷ୍ଟ ଲେଖାଗୁଡିକୁ ସାଧାରଣ ସଂପାଦକ ଆଦିକନ୍ଦ ସ୍ୱାଇଁ ଓ ପତ୍ରିକା କମିଟି ସଦସ୍ୟ ସତ୍ୟପ୍ରିୟ ମହାନ୍ତିଙ୍କ ନିକଟରେ ପହଂଚାଇବାକୁ ନିବେଦନ କରାଯାଇଥିଲା। ଏହି ବୈଠକରେ ବାଣୀପୀଠର ଶିକ୍ଷକ ପ୍ରଭାତ କୁମାର କର, ପୁରାତନ ଛାତ୍ର ଜଳଧର ମହାନ୍ତି, ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ଜଗବଂଧୁ ସ୍ୱାଇଁ, ସୁନାକର ସାହୁ, ବିଜୟ କୁମାର ନାୟକ, ବିବେକାନନ୍ଦ ନାୟକ, ନିଗମାନନ୍ଦ ବିଶ୍ୱାଳ, ଧରଣୀଧର ଦାଶ, ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ବିକ୍ରମ କେଶରୀ ମହାନ୍ତି, ରବି ନାରାୟଣ ଦାଶ, ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା, ନରେନ୍ଦ୍ର ରାଉତ, ଭିକାରୀ ମଲିକ, ନିଳମଣି ନାୟକ, ସୋମନାଥ ସାହୁ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଜୁଲାଇ ମାସ ୧୭ତାରିଖରେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ନିରଂଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସହରାଞ୍ଚଳର ଭୂମିହୀନଙ୍କୁ ଜମି ଯୋଗାଣ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନମାନଙ୍କୁ ଖୁବଶୀଘ୍ର ଜମି ଯୋଗାଇ ଦିଆଯିବା ପାଇଁ ପ୍ରଶାସନ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସମ୍ପର୍କରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲିପ କୁମାର ସେଠୀ, କେନ୍ଦ୍ରାପଡା ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ଅଧିକାରୀ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡା ପୌରାଞ୍ଚଳରେ ୧୮୭ ଜଣ ଭୂମିହୀନ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ୫୪ ଜଣ ଭୂମିହୀନଙ୍କୁ ଜମିପଟା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। କେନ୍ଦ୍ରାପଡା ତହସିଲ ଅଧିନରେ ଥିବା କେନ୍ଦ୍ରାପଡା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୩୬ଟି ପ୍ଲଟରୁ ଜଣକୁ ୩୨୩ ବର୍ଗଫୁଟ ଓ ପଟ୍ଟାମୁଣ୍ଡାଇ ତହସିଲ ଅଧିନରେ ଥିବା ପୌରାଂଚଳର ସରକାରୀ ଜମିରୁ ୫୪ଜଣକୁ ବିଭିନ୍ନ ସ୍ଥାନରୁ ଜମି ପଟା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ପୌରାଞ୍ଚଳର ଭୂମିହୀନମାନଙ୍କୁ ଥଇଥାନ କରିବା ଉଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଉପଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି ।

## ଶ୍ରୀବଳଦେବଜୀଉଙ୍କ ଚନ୍ଦନ ପୋଖରୀରୁ ଶ୍ରୀବିଷ୍ଣୁ ପ୍ରତିମା ଉଦ୍ଧାର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଚନ୍ଦନ ପୋଖରୀରୁ ଶ୍ରୀବିଷ୍ଣୁଙ୍କ ପ୍ରତିମା ଉଦ୍ଧାର କରାଯାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ଚାଲିଥିବା ବେଳେ ଇଛାପୁରସ୍ଥିତ ନୂତନ ଚନ୍ଦନ ପୋଖରୀରେ ଦିଅଁଙ୍କ ଚାପଖେଳ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତମାନେ ଘଟଣା ସ୍ଥଳରେ ରୁଣ୍ଡ ହେଉଥିଲେ। ସେହି ସମୟରେ ପୋଖରୀ ମଧ୍ୟରେ ଏକ ମୂର୍ତ୍ତି ରହିଥିବା ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ନଜରକୁ ଆସିଥିଲା । ପରେ ସେହି ମୂର୍ତ୍ତିକୁ ଉଦ୍ଧାର କରାଯିବା ପରେ ଏହା ଅଷ୍ଟଧାତୁରେ ନିର୍ମିତ ପ୍ରାଚୀନ ମୂର୍ତ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି । ଠାକୁରଙ୍କ ଚନ୍ଦନଯାତ୍ରା ସମୟରେ ପୋଖରୀରୁ ମୂର୍ତ୍ତି ଉଦ୍ଧାର ହେବା ଘଟଣା ଜଣାପଡିବା ପରେ ଶହ ଶହ ବ୍ୟକ୍ତି ଏହାକୁ ଦେଖିବା ପାଇଁ ଘଟଣାସ୍ଥଳରେ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି ।

## ଜମିବାଡି ବିବାଦରୁ ତଣ୍ଟିଚିପି ମାରିଦେବା ନେଇ ଥାନାରେ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ୨ନମ୍ବର ୱାର୍ଡ ଅନ୍ତର୍ଗତ କମାରଖଣ୍ଡି ଗ୍ରାମରେ ଜମିବାଡି ବିବାଦକୁ ନେଇ ଜଣେ ବ୍ୟକ୍ତିଙ୍କୁ ମାଡ ମାରିବା ସହିତ ତଣ୍ଟିଚିପି ତାଙ୍କୁ ମାରି ଦେଇଥିବା ନେଇ ମୃତକଙ୍କ ପତ୍ନୀ ଅମ୍ବିକା ବେହେରା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପୋଲିସ ୯୪/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । କମାରଖଣ୍ଡି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ସହିତ ତାଙ୍କ ପଡିଶା ଅଶୋକ ବେହେରାଙ୍କ ଜମିବାଡି ବିବାଦ ଦୀର୍ଘଦିନରୁ ରହିଆସିଛି । ରବୀନ୍ଦ୍ର ତାଙ୍କ ଜମିରେ କାର୍ଯ୍ୟ କରୁଥିବା ବେଳେ ଅପରପକ୍ଷ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲା। ଫଳରେ ଅଶୋକ ବେହେରାଙ୍କ ସମେତ ଅନ୍ୟ ୭ଜଣ ମିଳିମିଶି ରବୀନ୍ଦ୍ରଙ୍କୁ ନିସ୍ତୁକ ପିଟିବା ସହ ତଣ୍ଟିଚିପି ହତ୍ୟା କରିଥିବା ମୃତକ ରବୀନ୍ଦ୍ରଙ୍କ ପତ୍ନୀ ଅମ୍ବିକା କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଟାଉନ ଥାନା ପକ୍ଷରୁ ରବୀନ୍ଦ୍ରଙ୍କ ଶବ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କଠାରୁ ସୂଚନା ମିଳିଛି।

## ପୁରାତନ ମନ୍ଦିର କୁଶଳେଶ୍ୱରରୁ ମୂର୍ତ୍ତି ଚୋରି

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଦେଓଗାଁର ପୁରାତନ ମନ୍ଦିର କୁଶଳେଶ୍ୱର ଶୈବପୀଠରୁ ପୁରାତନ ଚନ୍ଦ୍ରଶେଖର ମୂର୍ତ୍ତି ଚୋରି ହୋଇଯାଇଛି । ଚାନ୍ଦି ରୁପାରେ ନିର୍ମିତ ଏହି ମୂର୍ତ୍ତିର ଓଜନ ୧୦ କେ.ଜି.ରୁ ଉର୍ଦ୍ଧ୍ୱ ହେବ ବୋଲି ମନ୍ଦିରର ପୂଜାପଣ୍ଡା ପ୍ରକାଶ କରିଛନ୍ତି । ଭୋର ସମୟରେ ପୂଜା ପଣ୍ଡାମାନେ ନୀତିକାନ୍ତି କରିବାକୁ ଆସିଥିବା ସମୟରେ ଚନ୍ଦ୍ରଶେଖର ମନ୍ଦିରର ଚାବି ଭାଙ୍ଗି କେହି ଦୁର୍ବୃତ୍ତ ମୂର୍ତ୍ତି ଚୋରି କରି ନେଇଯାଇଥିବା ଦେଖି ଘଷିପୁରା ପୋଲିସ୍‌କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ୍ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ତା'ପରେ ମନ୍ଦିରରେ ସେଦିନ ନୀତିକାନ୍ତି ବନ୍ଦ ରହିଥିବା ବେଳେ ଘଷିପୁରା ଅଂଚଳରେ ଅପରାଧୀ ଓ ଚୋରଙ୍କ ପ୍ରାଦୁର୍ଭାବ ବଢି ଚାଲିଥିବା ବେଳେ ଏହା ଘଷିପୁରା ପୋଲିସ୍ ପାଇଁ ଚ୍ୟାଲେଂଜ ସୃଷ୍ଟି କରିଛି ।

## ପଞ୍ଚବଟୀରେ ରାମଚରିତ ପାରାୟଣ ଉଦ୍‌ଯାପିତ



ଫୁଲନଖରା (ପିଏନ୍)-ଜୟରଶାସନସ୍ଥ ପଞ୍ଚବଟୀଠାରେ ୨୫ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ଏଥିରେ ବାଳକୃଷ୍ଣ ବେହେରା ଓ ନୀଳିମା ବେହେରା କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମହିଳା କମିସନ ପୂର୍ବତନ ଅଧ୍ୟକ୍ଷା ନମିତା ପଣ୍ଡା, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ପାହାଳ ଆଇଆଇସି ଷ୍ଟାଲିନ ବିଶ୍ୱାଳ, କୈଳାସଚନ୍ଦ୍ର ବରାଳ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ, ଆଇନଜୀବୀ ଉମାକାନ୍ତ ନନ୍ଦ, ସାମ୍ବାଦିକ ଲଳିତକୁମାର ଦାଶ, ଶ୍ରୀ ସନ୍ନ୍ୟାସୀ ଜୀ, ଆଇନଜୀବୀ କବିନାରାୟଣ ଜେନା, ପ୍ରାକ୍ତନ ସରପଞ୍ଚ ବଂଶୀଧର ଭୋଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସନ୍ଥ ହରିଚରଣ ଦାସ ମହାରାଜ, ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶର୍ମା, ଶ୍ୟାମସୁନ୍ଦର ଦାଶ, ପଣ୍ଡିତ ଦିଲୀପକୁମାର ପଣ୍ଡା, ପ୍ରଶାନ୍ତ ଶତପଥି, ବୈଦ୍ୟନାଥ ପାଣି, ପ୍ରଭାତ ଶତପଥି, ବିଶ୍ୱଜିତ ପାଣି, ନାରାୟଣ ମହାନ୍ତି ଓ ପ୍ରଶାନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଡାକ୍ତର ଭିକାରିଚରଣ ସାହୁ ଓ ପ୍ରଦୀପକୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଲି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି। ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ। ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣସି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି। କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି। ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଳାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି। ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା। ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ। ଏଥିରେ ସେହି ଅଂଚଳର ୬ ଜଣ କିନ୍ନର ମଧ୍ୟ ସ୍ୱେଛାକୃତ ଭାବରେ ଆସି ସେମାନଙ୍କର ରକ୍ତ ଦାନ କକରିଥିଲେ । ଶିବିରରେ ଡା.ଜେ.ସାଇରଜତ ରଶ୍ମିଙ୍କ ପରିଚାଳନାରେ ରକ୍ତ ଭଣ୍ଡାରର ଟେକନିସିଆନ ତୁଷାରକାନ୍ତ ପ୍ରଧାନ,ଦିନକୃଷ୍ଣ ମହନ୍ତ ଏବଂ ବରୁଣ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଅଂଚଳର ଯୁବକ ମାନେ ଆସି ସ୍ୱେଛାକୃତ ଭାବରେ ରକ୍ତ ଦାନ କରିଥିଲେ। ଶିବିରରେ ମୋଟ ୮୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବନି କଂଗ୍ରେସ : ନରସିଂହ ମିଶ୍ର

ଭୁବନେଶ୍ୱର ,(ପି.ଏନ): ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବନି ଓଡିଶା କଂଗ୍ରେସ। ଏହି ସୂଚନା ଦେଇଛନ୍ତି କଂଗ୍ରେସ ଦଳ ବିଧାୟକ ନେତା ନରସିଂହ ମିଶ୍ର। ଦ୍ରୌପଦୀ ମୁର୍ମୁ ବିଜେପି ନୀତି ଆଦର୍ଶରେ ବିଶ୍ୱାସ କରୁଥିବାରୁ କଂଗ୍ରେସ ସମର୍ଥନ ଦେବନି। ତାଙ୍କ ପ୍ରାର୍ଥୀତ୍ୱ ଘୋଷଣା ପୂର୍ବରୁ ବିରୋଧୀଦଳ ପ୍ରାର୍ଥୀ ଘୋଷଣା କରିଛି। ଜଣଙ୍କୁ ଛିଡ଼ା କରି ଅନ୍ୟ ଜଣଙ୍କୁ ସମର୍ଥନ କରିବା ଠିକ୍ କଥା ନୁହେଁ ବୋଲି କହିଛନ୍ତି ନରସିଂହ ମିଶ୍ର। ସେ ଆହୁରି କହିଛନ୍ତି ଓଡ଼ିଶା କଂଗ୍ରେସ ଭୋଟ ଦେବନି କିମ୍ବା ସମର୍ଥନ କରିବନି ବୋଲି ସ୍ପଷ୍ଟ କରିଛନ୍ତି ଓଡ଼ିଶା ତେବେ ବ୍ୟକ୍ତି ଯେତେ ଭଲ ହୋଇଥାନ୍ତୁ କିମ୍ବା ଆଚରଣ ବ୍ୟବହାର ତଥା ଉପଲବ୍ଧି ଯାହା ହୋଇଥାଉ ସେ ଯଦି ଆରଏସଏସ କିମ୍ବା ବିଜେପି ଚିନ୍ତା ଧାରାର ଲୋକ ହୋଇଥିଲେ ତାକୁ କଂଗ୍ରେସ କେବେ ସମର୍ଥନ ଦେବ ନାହିଁ।ଯଦିଓ ଦ୍ରୌପଦୀ ମୁର୍ମୁ ଜଣେ ଭଲ ରାଜନୀତିଜ୍ଞ ଓ ଭଲ ବ୍ୟକ୍ତି ବିଶେଷ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ। ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ। ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି। ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ। ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ।

# ପାରାଦୀପ ବନ୍ଦରରେ ଆଇରନ୍ ଓର୍ ପରିବହନରେ ସର୍ବକାଳୀନ ରେକର୍ଡ

ପାରାଦୀ.(ପି.ଏନ): ଏମ୍.ଭି.କେପ୍‌ରେ ନାମକ ଏକ ବୃହତକାୟ ଜାହାଜରେ ସର୍ବାଧିକ ଆଇରନ୍ ଓର୍ ବୋଝେଇ କରି ପାରାଦୀପ ବନ୍ଦର ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଏହି ଜାହାଜଟି ଜୁନ୍ ମାସ ୨୧ ତାରିଖରେ ପାରାଦୀପ ବନ୍ଦରର ଜେ.ଏସ୍.ଡବ୍ଲ୍ୟୁର ନିଉ ଆଇରନ୍ ଓର୍ ବର୍ଥରେ ଲାଗିଥିଲା । ଏହି ଜାହାଜରେ ୧.୪୬.୫୬୫ ମେଟ୍ରିକ ଟନ୍ ଆଇରନ୍ ଓର୍ ବୋଝେଇ କରି ପାରାଦୀପ ତାର ପୂର୍ବ ରେକର୍ଡ ୧,୪.୮୫୩ ମେଟ୍ରିକ୍ ଟନ୍‌କୁ ଅତିକ୍ରମ କରି ବିରଳ ରେକର୍ଡ ସ୍ଥାପନ କରିଛି । ଏହି ବୃହତକାୟ ଜାହାଜର ଲମ୍ବ ୨୯୨ ମିଟର ଏବଂ ପ୍ରସ୍ଥ ୪୫ ମିଟର । ପାରାଦୀପ ବନ୍ଦର ପଣ୍ୟ କାରବାର ଇତିହାସରେ ଏହା ହେଉଛି ସର୍ବ ବୃହତକାୟ ଜାହାଜ। ଜୁନ୍ ୨୪ ତାରିଖ ଦିନ ପଣ୍ୟ ବୋଝେଇ କରି ଏହି ଜାହାଜଟି ମହାରାଷ୍ଟ୍ରର ଜୟଗଡ ବନ୍ଦର ଅଭିମୁଖେ ଯାତ୍ରା କରିଥିବା ସୂଚନା ମିଳିଛି।




## ବହୁ ପ୍ରତିଭାର ମାଲିକ ଥିଲେ ମୁଖାର୍ଜୀ : ନଡ୍ଡା

ନୂଆଦିଲ୍ଲୀ, (ପି.ଏନ): ଭାରତୀୟ ଜନତା ପାର୍ଟି (ବିଜେପି)ର ସଭାପତି ଜେ.ପି. ନଡ୍ଡା ଗୁରୁବାର ଦିନ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ତାଙ୍କ ମୃତ୍ୟୁ ବାର୍ଷିକୀରେ ସ୍ମରଣ କରି କହିଛନ୍ତି ଯେ, ସେ ବହୁମୁଖୀ ପ୍ରତିଭାର ଗୁରୁ ଥିଲେ। ବିଜେପି ମୁଖ୍ୟାଳୟରେ ମୁଖାର୍ଜୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ନଡ୍ଡା କହିଛନ୍ତି ଯେ, ଆଜି ଭାଜପାର ଲକ୍ଷ ଲକ୍ଷ କାର୍ଯ୍ୟକର୍ତା ତାଙ୍କ ସହିଦ ଦିବସରେ ସାରା ଦେଶରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ମୁଁ ଏବଂ ସମସ୍ତ ଶ୍ରମିକଙ୍କ ତରଫରୁ ମୁଁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

## ଜୀ-ସାର୍ଥକର ଏଲଇଡ଼ି ଭ୍ୟାନ ଭିନ୍ନ ଢଙ୍ଗର ପ୍ରଚାର ଅଭିଯାନ

ଖୋର୍ଦ୍ଧା,(ପି.ଏନ): ନୂଆ ଥିମର ପ୍ରସାର ପାଇଁ ଜୀ ସାର୍ଥକର ଏଲଇଡ଼ି ଭ୍ୟାନ ସମସ୍ତ ଜିଲ୍ଲାରେ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଆଜି ଠାରୁ ଏହାର ଶୁଭାରମ୍ଭ କରାଯାଇଛି। ଏହି ଭ୍ୟାନ ଓଡ଼ିଶାର ୩୦ଟି ଜାକ ଜିଲ୍ଲାର ବିଭିନ୍ନ ଗାଁ ଗହଳିକୁ ଯାଇ ଲୋକଙ୍କ ସହ ସମ୍ପର୍କକୁ ଆହୁରି ମଜଭୁତ କରିବ। ଜୀସାର୍ଥକର ସିରିୟଲ ଅଭିନେତ୍ରୀମାନଙ୍କ ଫଟୋ ସହ ବ୍ରାଣ୍ଡ ଫିଲ୍ମ ଭିଡ଼ିଓ ଏହି ଭ୍ୟାନରେ ସ୍ଥାନ ପାଇଛି। ଓଡ଼ିଆ ଦର୍ଶକଙ୍କ ସହ ଯୋଡ଼ି ହେବାକୁ ଏହା ଏକ ଭିନ୍ନ ପ୍ରୟାସ। ତେବେ ନିକଟରେ ଚ୍ୟାନେଲ ତରଫରୁ ନୂଆ ବ୍ରାଣ୍ଡ ପରିଚୟ ପ୍ରସ୍ତୁତ କରାଯାଉଛି। ଯାହାର ନାଁ ରହିଛି ନୂଆ କାହାଣୀ, ନୂଆ ରଙ୍ଗରେ ଅତୁଟ ସମ୍ପର୍କ ଆମ ସାଙ୍ଗରେ। ଏହି ଥିମ ଓ ବ୍ରାଣ୍ଡ ଫିଲ୍ମ ପ୍ରମୋସନ ପାଇଁ ଏଲଇଡ଼ି ଭ୍ୟାନ ଓଡ଼ିଶାର ସମସ୍ତ ଜିଲ୍ଲାରେ ପ୍ରଚାର କରିବ। ଏହି ଟାବଲୋରେ ଲାଗିଥିବା ଏଲଇଡ଼ି ଲୋକେ ଜୀସାର୍ଥକରେ ପ୍ରସାରିତ ସିରିୟଲ ଓ ଫିଲ୍ମର ପ୍ରମୋ ଦେଖି ପାରିବେ। ନୂଆ କାହାଣୀ ସହ ସିରିୟଲ ଏବଂ ସିନେମା ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଉଛି ଜୀସାର୍ଥକ। ଝିଲି, ସର୍ବଜିତା ଅନୁ, ବିଜୟୀନି, ସୁନାଝିଅ ଓ ଦିଦୀ ନମ୍ବର ୱାନ ଭଳି ସିରିୟଲ ଦର୍ଶକଙ୍କ ଦ୍ୱାରା ଆଦୃତି ପାଇଛି। ତେଣୁ ଏହି ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ଓଡ଼ିଶାର ପୁର ପଲ୍ଲୀରେ ଦୁଇଟି ଭ୍ୟାନ ପରିଭ୍ରମଣ କରିବ। ବିଭିନ୍ନ ଗେମ ସୋ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରିବା ସହ ଜୀସାର୍ଥକର ବ୍ରାଣ୍ଡ ପ୍ରମୋସନ ଭିନ୍ନ ଢଙ୍ଗରେ କରାଯିବାକୁ ଲକ୍ଷ ରଖାଯାଇଛି। ତେବେ ଜୀସାର୍ଥକ ପ୍ରତି ଦର୍ଶକଙ୍କ ଭଲ ପାଇବା ବଢି ଚାଲିଥିବା ବେଳେ ଏହି ବ୍ରାଣ୍ଡ ଭ୍ୟାନ ଆକ୍‌ଟିଭିଟି ପୁଣି ନୂଆ ଇତିହାସ ଲେଖିଛି ବୋଲି ମୁଖ୍ୟ ଚ୍ୟାନେଲ ଅଧିକାରୀ ପ୍ରତୀକ ସିଲ କହିଛନ୍ତି।

# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି। ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା। ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍‌ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି। ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି। ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି। ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି। ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ।

# କୋଷ୍ଟଗାର୍ଡ ପକ୍ଷରୁ ଡ୍ରଗ୍ସ ନିରୋଧ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ଦେଶବାସୀଙ୍କୁ ଡ୍ରଗ୍ସ ନିରୋଧ ସଚେତନତା କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଛି ଭାରତୀୟ କୋଷ୍ଟଗାର୍ଡ । ଏହି ଅବସରରେ ଶୁକ୍ରବାର ଦିନ କୋଷ୍ଟଗାର୍ଡ ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । କୋଷ୍ଟଗାର୍ଡ ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ପରିସରରେ କୋଷ୍ଟଗାର୍ଡ ଡି.ଆଇ.ଜି. ସନାତନ ଜେନା ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଡ୍ରଗ୍ସର ଭୟାବହତା ସମ୍ପର୍କରେ ପାରାଦୀପ ଅଂ'ବାସୀଙ୍କୁ ଏହି ଶୋଭାଯାତ୍ରା ମାଧ୍ୟମରେ ସଚେତନତାର ଦିଆଯାଇଥିଲା। ଡ୍ରଗ୍ସ ଠାରୁ ଦୂରରେ ରହି ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ନିବେଦନ କରାଯାଇଥିଲା। ଜିଲ୍ଲା ମୁଖ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ପାରାଦୀପ ସମୁଦ୍ର ବେଳାଭୂମି ଠାରେ ଶେଷ ହୋଇଥିଲା । ଏହି ଶୋଭାଯାତ୍ରାରେ କୋଷ୍ଟଗାର୍ଡର ଅଧିକାରୀ,କର୍ମଚାରୀଙ୍କ ସମେତ ଏନ୍.ସି.ସି.ର କ୍ୟାଡେଟ୍‌ମାନେ ହାତରେ ସଚେତନତାର ବାର୍ତାର ପ୍ଲାକାର୍ଡ ଧରି ସାମିଲ ହୋଇଥିଲେ।




MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




Bhubaneswar Saturday June 25, 2022 ଭୁବନେଶ୍ୱର ଶନିବାର, ଜୁନ ୨୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 8


# ଖୋର୍ଦ୍ଧା ଜିଲ୍ଲା ପୋଲିସ ବିଭାଗରେ ବଡ ଧରଣର ଅଦଳବଦଳ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲାରେ ପୋଲିସ ବିଭାଗରେ ଏକ ବଡ ଧରଣର ଅଦଳବଦଳ ହୋଇଛି ।ବହୁ ଥାନାର ଥାନାଧିକାରୀ ସମେତ ଏସଆଇ ଓ ଏଏସଆଇଙ୍କ ବଦଳି ହୋଇଛି । ଜିଲ୍ଲା ଏଷ୍ଟାବ୍ଲିସମେଂଟ ବୋର୍ଡର ମୂଖ୍ୟ ତଥା ଏସପି ସିଦ୍ଧାର୍ଥ କଟରିଆଙ୍କ ନିଷ୍ପତିକ୍ରମେ ବଦଳି କରାଯାଇଛି । ବାଣପୁର ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କୁ ବୋଲଗଡ ଥାନା,ଜଙ୍କିଆ ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳଙ୍କୁ ଟାଙ୍ଗୀ ଥାନା,ଖୋର୍ଦ୍ଧା ସଦର ଥାନା ଅଧିକାରୀ ଅନିତା ସାହୁଙ୍କୁ ଜଙ୍କିଆ ଥାନା,ବୋଲଗଡ ଥାନା ଅଧିକାରୀ ବିଦିତା ନାୟକ ଖୋର୍ଦ୍ଧା ସଦର ଥାନା,ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କୁ ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ,ଖୋର୍ଦ୍ଧା ଟାଉନ ଥାନା ଅଧିକାରୀ ପ୍ରଜ୍ଞାରିତମ୍ବରା କରଙ୍କୁ ବାଘମାରୀ ଥାନା ଓ ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଇନିସପେକ୍ଟର ଶମ୍ଭୁନାଥ ନାୟକଙ୍କୁ ବେଗୁନିଆ ଥାନା ଅଧିକାରୀ ଭାବେ ଦାୟିତ୍ୱ ବହନ କରିବେ । ସେହିପରି ସଦର ଥାନା ଏସଆଇ ପବିତ୍ର ମୋହନ ପ୍ରଧାନଙ୍କୁ ବାଲୁଗାଁ,ବାଙ୍କୋଇ ଫାଣ୍ଡି ଏସଆଇ ବିନାୟକ ମନ୍ତ୍ରୀଙ୍କୁ ନିରାକାରପୁର ଥାନା,ବାଲୁଗାଁ ଥାନା ଏସଆଇ ଲିଲି ପାଢୀଙ୍କୁ ବୋଲଗଡ,ବୋଲଗଡ ଏସଆଇ ସୁଜାତା ପଲେଇଙ୍କୁ ଟାଙ୍ଗୀ ଥାନା,ଟାଉନ ଥାନା ଏସଆଇ ବିଜୟ ଜେନାଙ୍କୁ ସଦର ଥାନା,ସଦର ଥାନା ଏସଆଇ ଶ୍ରୀମତୀ ମଲ୍ଲିକଙ୍କୁ ବାଣପୁର ଥାନା,ଟାଉନ ଥାନା ଏସଆଇ ଅକ୍ଷୟ ସେଠୀଙ୍କୁ ଶିଙ୍ଖାଚଂଳ ଫାଣ୍ଡି,ବାଘମାରୀ ଥାନା ଏସଆଇପୁରୁଷୋତମ ସାହୁଙ୍କୁ ଡିଆଇବି ଖୋର୍ଦ୍ଧା,ବାଣପୁର ଥାନା ଶ୍ରୀନିବାସ ପ୍ରଧାନଙ୍କୁ ବାଙ୍କୋଇ ଫାଣ୍ଡି,ରିଜର୍ଭ ଏସଆଇ ପ୍ରମୋଦ କୁମାର ଦଳାଇଙ୍କୁ ଜଙ୍କିଆ ଥାନା,ନିରାକାରପୁର ଥାନା ଏସଆଇ ପ୍ରଗତି କୁମାର ଛାଟୋଇଙ୍କୁ ବୋଲଗଡ ଥାନା ଓ ବାଣପୁର ଥାନା ଏସଆଇ ରମାକା ନ୍ତ ପୁହାଣଙ୍କୁ ବାଘମାରୀ ଥାନାକୁ ବଦଳି କରାଯାଇ ତୁର ନ୍ତ ନୂତନ ସ୍ଥାନରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ରହିଛି ।

# ଜାଗାବାଡିକୁ କେନ୍ଦ୍ର କରି ଗଣ୍ଡଗୋଳ ଉଭୟ ପକ୍ଷରୁ ମମଲା

ଖୋର୍ଦ୍ଧା, (ପିଏନ): ବେଗୁନିଆ ଥାନା ଅ ନ୍ତର୍ଗତ କଂଟାବାଡ ପଂଚାୟତର ବାସୁଦେବପୁର/ ମଲ୍ଲିପଦର ଗ୍ରାମର ଆଦିବାସୀ ଲୋକମାନେ ସରକାରୀ ଜାଗାରେ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏକ ଆଶ୍ରମ ପ୍ରତିଷ୍ଠା କରି ଭଜନ ସଂକୀର୍ତନ କରି ଆସୁଛ ନ୍ତି ।ବାସୁଦେବପୁର ଗ୍ରାମର ଧରଣୀଧର ସାହୁ,ଗଙ୍ଗାଧର ସାହୁଙ୍କ ଘର ଦେଇ ସରକାରୀ ଜାଗାରେ ରାସ୍ତା କରି ଆଦିବାସୀ ଲୋକମାନେ ଆଶ୍ରମକୁ ଯାତାୟତ କରୁ ଥିବାରୁ ଗଣ୍ଡଗୋଳର ସୂତ୍ରପାତ ସୃଷ୍ଟି ହୋଇଥିଲା ।ଏଥିରେ ଉଭୟ ପକ୍ଷରୁ ବେଗୁନିଆ ଥାନାରେ ଅଭିଯୋଗ କରିବାରୁ ସହମତି ଭିତିରେ ପୋଲିସ ଉପସ୍ଥିତିରେ ମାପଚୁପ କରିବା ପାଇଁ ସମ୍ମତି ପ୍ରକାଶ କରିଥିବା ବେଳେ ମାପଚୁପ ଦିନ କୌଣସି ଗଣ୍ଡଗୋଳ ଘଟି ନଥିଲା । ତେବେ ସରକାରୀ ଯାଗାରେ ଏକ ଆମ୍ବ ଗଛ କାଟିବା ଓ ମାପ ଚିହ୍ନଟ ହୋଇଥିବା ବାଦରୁ କିଛି ଅଂଶ ମଡାଇ ପାଚେରୀ ନିର୍ମାଣ କରିବାକୁ ନେଇ ବିରୋଧ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇ ଜାତିଆଣ ମନୋଭାବକୁ ନେଇ ଗାଳିଗୁଲଜ ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ।ଏ ନେଇ ଏସପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇ ତୁର ନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରାଯାଇଛି ।

# ଏଟିଏମ୍ ଲୁଟ୍ ଯୋଜନା ପଣ୍ଡ: ଦୁଇ ଥାନାରେ ଅଟକ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଲନଗର ଛକରେ ଥିବା ଏସ୍‌ବିଆଇ ଏଟିଏମରୁ ଲୁଟ୍ ଉଦ୍ୟମ ପାଇଁ ହୋଇଥିବା ଯୋଜନା ପଣ୍ଡ ହୋଇଯାଇଛି । କାରଣ ଲୁଟ୍ ଉଦ୍ୟମ ବେଳେ ପିସିଆର ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲା । ଫଳରେ ୪ ଜଣ ଯୁବକ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା ବେଳେ ଅନ୍ୟ ୨ ଜଣଙ୍କୁ ପୋଲିସ ମାଡିବସିଥିଲା । ସୂଚନା ଅନୁଯାୟୀ ରାତି ପ୍ରାୟ ୩ଟା ସମୟରେ ୬ ଜଣ ଲୁଟିଆ ସାବଳ, କଟର ଧରି ଏଟିଏମ୍ ଲୁଟ୍ ପାଇଁ ଯୋଜନା କରିଥିଲେ । ଏଟିଏମ୍‌ର ଉପର ଅଂଶକୁ ସେମାନେ ଭାଙ୍ଗି ଦେଇଥିଲେ । କିନ୍ତୁ ଏହି ସମୟରେ ଏକ ପିସିଆର ଭ୍ୟାନ ପାଟ୍ରୋଲିଂ କରୁଥିଲା । ଏଟିଏମ୍ ନିକଟରେ ଭ୍ୟାନ୍ ପହଞ୍ଚିବା ବେଳକୁ ଲୁଟିଆମାନେ ଦୌଡାଦୌଡି ହୋଇ ଫେରାର ହୋଇ ଯାଇଥିଲେ । ପୋଲିସ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଧରି ଥାନାକୁ ଆଣି ଅଟକ ରଖି ପଚରା ଉଚରା ଚଳାଇଥିବା ପୋଲିସ ସୁତ୍ରରୁ ଜଣାପଡିଛି ।

# ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ

ଚଣ୍ଡିଖୋଲ, (ପିଏନ ):ବଡ଼ଚଣା ବ୍ଲକ ସୂଂଗୁଡା ଗ୍ରାମର ବରିଷ୍ଠ ବ୍ୟବସାୟୀ ନାରାୟଣ ସ୍ୱାଇଁ (୬୨) ଙ୍କ ଆଜି ହୃଦଘାତରେ ପରଲୋକ ହେଇଯାଇଛି ।ସେ କିଛିଦିନ ତଳେ ହୃଦଘାତରେ ଶିକାର ହୋଇ କଟକରେ ଚିକିଛିଟେ ହେଉଥିଲେ.ଚିକିଛାଧୀନ ଅବସ୍ଥାରେ ଆଜି ତାଙ୍କର ପରଲୋକ ଘଟିଥିଲା ।ସ୍ୱାଇଁଙ୍କର ବସ ବ୍ୟବସାୟ ସହିତ ଚଣ୍ଡିଖୋଲ ଛକରେ ବହୁଦିନରୁ ଏକ ଗ୍ରୋସରୀ ଦୋକାନ କରି ବ୍ୟବସାୟ କରୁଥିଲେ ।ସେ ମଧ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଙ୍ଘର ସଭ୍ୟ,ଚଣ୍ଡିଖୋଲ ବଣିକ ସଂଘ,ରାଧାକୃଷ୍ଣ ଜୀଉ ମିଳନ କମିଟିର ବରିଷ୍ଠ ସଭ୍ୟ ଓ ଚଣ୍ଡିଖୋଲ ସାର୍ବଜନୀନ ଦୁର୍ଗାପୂଜା କମିଟିର ସକ୍ରିୟ ସଭ୍ୟ ଥାଇ ନିଜର କାର୍ଯ୍ୟକୁ ସୁଚାରୁରୂପେ ଚଳାଇଆସୁଥିଲେ ।ତାଙ୍କ ମରଶରୀରକୁ ଚଣ୍ଡିଖୋଲ ଛକ ପରିଭ୍ରମଣ କରାଯାଇ ନିଜ ଗ୍ରାମକୁ ନିଆଯାଇଥିଲା । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର,ବିଧାୟକ ଅମର ପ୍ରସାଦ ଶତପଥି,ବିଜେପି ନେତା ଅମର ନାୟକ,କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ଚଣ୍ଡିଖୋଲ ବଣିକ ସଂଘର ସଭାପତି ଖିରୋଦ ମହଲା,ବସ ମାଲିକ ସଙ୍ଘର ସଭାପତି ଅମରେନ୍ଦ୍ର ନାୟକ,ସମ୍ପାଦକ ଦିଲୀପ ଚୌଧୁରୀ,ପ୍ରାକ୍ତନ ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ ରାଉତ, ନାରାୟଣ ମହଲା,ବିଜୟ ବ୍ରହ୍ମ,ବୈକୁଣ୍ଠ ସାମନ୍ତରାୟ ଓ ଯୋଗେନ୍ଦ୍ର ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଆସନ୍ତା ୨୭ରେ ଅଗ୍ନିପଥ ଯୋଜନା ବିରୁଦ୍ଧରେ କଂଗ୍ରେସର ବିଧାନସଭା କ୍ଷେତ୍ରସ୍ତରୀୟ ସତ୍ୟାଗ୍ରହ



ରାଉରକେଲା, (ପି.ଏନ): ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ତଥା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁଯାୟୀ ଚଳିତ ମାସ ୨୭ ତାରିଖ ସୋମବାର ଦିନ ଭାରତ ସରକାରଙ୍କ ବିବାଦୀୟ ଅଗ୍ନିପଥ ଯୋଜନା ବିରୁଦ୍ଧରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରାଯିବ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ଆଜି ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ଡିସିସି ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ତୁଳସୀ ନାଗ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଲତା ନାୟକ, ମହିଳା କଂଗ୍ରେସ ଜିଲ୍ଲା ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ରଘୁନାଥ ଦାସ, ସୁନୀଲ ପଟ୍ଟନାୟକ ଓ ଧୁସା ନାୟକ, ବନମାଳୀ ବିଶୋୟୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ସଫଳତା ପାଇଁ ବିଭିନ୍ନ ଉପାଦେୟ ପ୍ରସ୍ତାବମାନ ଦେଇଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୨୭ ତାରିଖ ସୋମବାନ ଦିନ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉଦିତନଗର ସ୍ଥିତ ମହାନଗର ନିଗମ ଛକଠାରେ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୩ ଘଣ୍ଟିଆ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ପାଇଁ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଉକ୍ତଦିନ ସକାଳ ୧୦ଟାରୁ ଦିବା ୧ଟା ପର୍ଯ୍ୟନ୍ତ ଏହି ୩ ଘଣ୍ଟିଆ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରାଯିବ । ରାଉରକେଲା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକ୍ରମ ପ୍ରାକ୍ତନ ପ୍ରାର୍ଥୀ ବିରେନ ସେନାପତିଙ୍କ ତତ୍ତ୍ୱାବଧାନରେ ଓ ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀର କାର୍ଯ୍ୟକ୍ରମ ପ୍ରାକ୍ତନ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ କରାଯିବା ସହିତ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ସେମାନଙ୍କ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ, ପିସିସି ସଭ୍ୟ, ବ୍ଲକ୍ ସଭାପତି, ସମସ୍ତ ସାମ୍ମୁଖ୍ୟ ଯଥା ମହିଳା, ଯୁବ, ଛାତ୍ର ଓ ସେବାଦଳର ମୁଖ ତଥା କର୍ମକର୍ତ୍ତା ଏବଂ ସମସ୍ତ ବିଭାଗ ଯଥା ଏସ୍‌ସି, ଏସ୍‌ଟି, ସଂଖ୍ୟାଲଘୁ, ଲିଗାନ ସେଲ୍‌ର ମୁଖ୍ୟ ଓ କର୍ମକର୍ତ୍ତା, ପୂର୍ବତନ ବିଧାୟକ ଓ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ସମସ୍ତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଯୋଗ ଦେବା ପାଇଁ ନିବେଦନ କରାଯାଇଛି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସର ରୁକସାନା ବେଗମ, ଭାସ୍କର ଖିଲ୍ଲାର, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଦିଲ୍ଲୀପ ଜେନା, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ବିଶ୍ୱଜିତ ସାହୁ, ଝୁନୁ ପଟ୍ଟନାୟକ, ଶେଖ ସମୀର, ଶ୍ୟାମ ସାଗର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳନ



କେନ୍ଦ୍ରାପଡ଼ା,(ପି.ଏନ): ପୂଜ୍ୟପୂଜାଙ୍କୁ ସମ୍ମାନ ଜଣାଇ ଜନଶକ୍ତି ପାର୍ଟି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ଯୋଗ ଦେଇ କହିଥିଲେ ଯେ ସ୍ୱର୍ଗତ ଚୌଧୁରୀ ଏକାଧାରାରେ ଜଣେ ସମାଜସେବି, ସୁବକ୍ତା, ସଂଗଠକ, ସମାଜ ସଂସ୍କାରକ, ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ । ସେ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇ ମହାତ୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାରାବରଣ ମଧ୍ୟ କରିଥିଲେ । ସେ ମୁଖ୍ୟମନ୍ତ୍ରୀ ଥାଇ ନିଶା ନିବାରଣ ଆଇନର ପ୍ରବର୍ତ୍ତକ ତଥା ଜଣେ ସଚ୍ଚୋଟ ଓ ଅହଂକାର ଶୁନ୍ୟ ବ୍ୟକ୍ତିତ୍ୱ ଥିଲେ । ଜମିଦାର ଗୋକୁଳାନନ୍ଦଙ୍କ ସେ ସୁପୁତ୍ର ଥିଲେ । ଏହି ଅବସରରେ ଶ୍ରୀ ଦାଶ ସ୍ୱର୍ଗତ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉପଲକ୍ଷେ ପାର୍ଟିର ଜିଲ୍ଲା ସଭାପତି ନରୋତମ ଜେନାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖପାତ୍ର ଅଜୟ ଦାସ, ରାଜନଗର ଆବାହକ ଆଡଭୋକେଟ ସୁଧିର ଦାସ, ସଂଖ୍ୟାଲଘୁ ସଭାପତି ଅମିରୁଦ୍ଦିନ, ସେବା ଦଳ ପ୍ରମୁଖ ଅଶୋକ ରାଉତ, ଦଳିତ ସଭାପତି ନାରାୟଣ ମଲ୍ଲିକ, ଡିଜିଟାଲ ପ୍ରମୁଖ ନାରାୟଣ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray